
ଧରିତ୍ରୀ
DHARITRI
July 18-24, 2021 ₹ 2/-

# ଛୁଟିଦିନ






୩

ପ୍ରଚ୍ଛଦ ପ୍ରସଙ୍ଗ

## ଆମ ସ୍କୁଲ

କୋମଳ ମନର ଏକ ମିଠା ଅନୁଭବର ନାଁ ସ୍କୁଲ। ସେଥିପାଇଁ ଯେକୌଣସି ବୟସର ମଣିଷ ମନରେ ସ୍କୁଲର ସ୍ମୃତି ଖେଳେଇଦିଏ ରୋମାଞ୍ଚ। ସେଇଥିପାଇଁ ବୋଧେ କୁହାଯାଏ, ଜଣେ ବିଦ୍ୟାର୍ଥୀ ପାଇଁ ସ୍କୁଲ ହେଉଛି ଦ୍ୱିତୀୟ ଘର। ଆଉ ଏହି ଘରଟି ସବୁଦିଗରୁ ସୁନ୍ଦର ହେଉ ବୋଲି ଚାହାନ୍ତି ଅଭିଭାବକ, ଶିକ୍ଷକ ସର୍ବୋପରି ଛାତ୍ରୀଛାତ୍ର। ଏ କଥାକୁ ସତରେ ପରିଣତ କରିଛନ୍ତି କେତେକ ଶିକ୍ଷକ, ଯାହାଙ୍କ ଅକ୍ଳାନ୍ତ ଚେଷ୍ଟାରେ ସ୍କୁଲ ପାଲଟିଛି ଅନ୍ୟମାନଙ୍କ ପାଇଁ ଉଦାହରଣ...



୮/୯

ସିନେମା



# ସୁଖ ସମୃଦ୍ଧି ପାଇଁ ଫିଟିକିରିର ଭୂମିକା

**କୁହାଯାଏ, ନକାରାତ୍ମକ ଉର୍ଜାର ପ୍ରଭାବରେ ଘରେ କଳହ ଲାଗିବା ସହ ଆର୍ଥିକ ଦୁରବସ୍ଥା ଦେଖାଦେଇଥାଏ। ଏଥିରୁ ମୁକ୍ତି ପାଇଁ ଫିଟିକିରିର କ'ଣ ସବୁ ଭୂମିକା ରହିଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ...**

* ବାସ୍ତୁଶାସ୍ତ୍ର ଅନୁସାରେ, ଫିଟିକିରି ମିଶା ପାଣିରେ ଘର ପୋଛିଲେ ଘରୁ ନକାରାତ୍ମକ ଉର୍ଜା ଦୂର ହେବା ସହ ଚଟାଣରେ ଥିବା କୀଟାଣୁମାନେ ମରିଯାଆନ୍ତି। ତା'ସହିତ ଏହା ଘରର



ଆର୍ଥିକାବସ୍ଥାକୁ ସୁଧାରିବାରେ ବି ବେଶ୍ ସହାୟକ ହୋଇଥାଏ।

*ବେଳେବେଳେ କିଛି କାରଣ ନ ଥାଇ ବି ମନଦୁଃଖ ହେଲା ଭଳି ଲାଗେ। ତେଣୁ ଏ ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ଗାଧୋଇବା ପାଣିରେ କିଛି ଫିଟିକିରି ମିଶାଇ ଗାଧୋଇଲେ ସୁଫଳ ମିଳିଥାଏ।

*ଘରେ ହେଉ ଅବା କାର୍ଯ୍ୟକ୍ଷେତ୍ରରେ ଯଦି କିଛି ବାସ୍ତୁଦୋଷ ରହିଥିବା ଯୋଗୁ କଳହ ଲାଗିବା ସହ ଆର୍ଥିକ ସମସ୍ୟା ଦେଖା ଯାଉଥାଏ, ତା'ହେଲେ ଗିନାରେ କିଛି ଫିଟିକିରି ନେଇ ଏମିତି ସ୍ଥାନରେ ରଖନ୍ତୁ, ଯେମିତି ତାହାକୁ କେହି ଦେଖିପାରିବେ ନାହିଁ। କିଛିଦିନ ପରେ ଏହାର ସୁ-ପରିଣାମ ଆପଣ ଧୀରେ ଧୀରେ ଅନୁଭବ କରିପାରିବେ।

*ବ୍ୟବସାୟରେ ବାରମ୍ବାର କ୍ଷତି ହେଉଥିଲେ ଗୋଟିଏ କଳା କପଡାରେ କିଛି ଫିଟିକିରି ନେଇ କାର୍ଯ୍ୟାଳୟର ମୁଖ୍ୟଦ୍ୱାରରେ ବାନ୍ଧିଦେଲେ, ବ୍ୟବସାୟରେ ଲାଗିଥିବା ନଜର ଦୋଷ ବା ନକାରାତ୍ମକତା ଦୂର ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୮-୨୪

**ମେଷ**



ବିଳମ୍ବରେ କାର୍ଯ୍ୟସିଦ୍ଧି, ବିବାଦରେ ବିଜୟ, ପଡ଼ୋଶୀଙ୍କ ସହାନୁଭୂତି, ପରିବହନରେ କ୍ଷତି, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ଋଣ ପରିଶୋଧ ଚିନ୍ତା, ଦ୍ରବ୍ୟନଷ୍ଟରୁ କ୍ଷୋଭ, ଆକସ୍ମିକ ଯାତ୍ରା, ସଭାସମିତିକୁ ଆହ୍ୱାନ, ଶୁଭଖବର ପ୍ରାପ୍ତି।

**ବୃଷ**




ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ବନ୍ଧୁଙ୍କ ଅଭିଯୋଗ, ବ୍ୟୟ ବହୁଳତା, ପାରିବାରିକ ମତାନ୍ତର, ମକଦ୍ଦମାରେ ବାଇଦା, ଅର୍ଥ ସଂକଟ ଦୂରହେବ, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ, ମିଥ୍ୟାଭିଯୋଗରୁ ଦୁଶ୍ଚିନ୍ତା।

**ମିଥୁନ**



ପରିସ୍ଥିତି ବଦଳିବ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ଆନୁଷ୍ଠାନିକ ନେତୃତ୍ୱ, ନୂତନ ଯୋଜନାରମ୍ଭ, ସମସ୍ୟା ସମାଧାନ, ସାଂସ୍କୃତିକ କାର୍ଯ୍ୟକ୍ରମ, କଳାସାହିତ୍ୟରେ ଅନୁରାଗ, ନିଯୁକ୍ତିଖବର ପାଇବେ।

**କର୍କଟ**



କର୍ମଜଞ୍ଜାଳ ବୃଦ୍ଧି, ସହକର୍ମୀଙ୍କ ଅନୁତ୍ସାହ, ପ୍ରଶାସନିକ ଅସ୍ଥିରତା, ଶିଳ୍ପ ବାଣିଜ୍ୟରେ ଉନ୍ନତି, ସୃଜନୀ ଶକ୍ତିର ବିକାଶ, ଯୋଗ ସାଧନାରେ ରୁଚି, ନୂତନ ମିତ୍ରତା ସୃଷ୍ଟି, ଅସାବଧାନତାରୁ ଅର୍ଥହାନି।

**ସିଂହ**



ସ୍ଥଗିତ କାର୍ଯ୍ୟାରମ୍ଭ, ଉପରିସ୍ଥଙ୍କ ଅନୁକମ୍ପା, ସମ୍ପର୍କୀୟଙ୍କ ବିରୋଧ, ଗୃହଭୂମି କ୍ରୟ, ଯାନବାହନ ନବୀକରଣ, ମାଙ୍ଗଳିକ କାର୍ଯ୍ୟ, ଚଳଚ୍ଚିତ୍ରରେ ଦ୍ୱନ୍ଦ୍ୱ, ଆବଶ୍ୟକତା ପୂରଣ ହେବ, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ।

**କନ୍ୟା**



ଉନ୍ନତ ଚିନ୍ତା, ଉଦାର ଭାବନା, ତ୍ୟାଗପୂତ ମନୋଭାବ, ସାମାଜିକ ସମ୍ମାନ, ପାରିବାରିକ ସୌହାର୍ଦ୍ଦ୍ୟ, ଆଇନ ସହାୟତା ପାଇବେ, ଏଜେନ୍ସିପ୍ର ପ୍ରସାର, ଚୁକ୍ତିପତ୍ର ସମ୍ପାଦନ, ଅପ୍ରିୟ ସତ୍ୟରୁ କଳହ, ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଶ୍ଚିନ୍ତା।

**ତୁଳା**



ମାନସିକ ଅସ୍ଥିରତା, ବନ୍ଧୁଙ୍କ ପରାମର୍ଶ, ପାରିବାରିକ ସମର୍ଥନ, ଯାନ୍ତ୍ରିକ ତ୍ରୁଟିରୁ ସମସ୍ୟା, କର୍ମ ସମ୍ପାଦନରେ ବିଳମ୍ବ, ଶାରୀରିକ ଅସୁସ୍ଥତା, ପ୍ରତିବନ୍ଧକ ଦୂରେଇବ, ବସ୍ତ୍ରଭୂଷଣ ପ୍ରାପ୍ତି, ମନୋରଞ୍ଜନ କାର୍ଯ୍ୟକ୍ରମ, ମିଥ୍ୟାଭିଯୋଗରୁ ଅଶାନ୍ତି।

**ବିଛା**



ନୂତନ ବନ୍ଧୁତ୍ୱ, ନିମନ୍ତ୍ରଣରୁ ଦୂରଯାତ୍ରା, ଋଣଦାତାଙ୍କ ଚାପ, ସମ୍ପର୍କହାନିରୁ ଦୁଶ୍ଚିନ୍ତା, କୃତିତ୍ୱରୁ ପ୍ରଶଂସା, ମକଦ୍ଦମାରେ ବିଜୟ, ପ୍ରକାଶନରେ ବିଳମ୍ବ, ପକ୍ଷପାତିତାରୁ ଅଶାନ୍ତି।

**ଧନୁ**



ଅନୁକୂଳ ବାତାବରଣ, ଯୋଜନା କାର୍ଯ୍ୟକାରୀ ହେବ, ଗୃହୋପଯୋଗୀ ଜମି ଲାଭ, କଳକାରଖାନା ସମସ୍ୟା, ପ୍ରତ୍ୟୁତ୍ପନ୍ନମତିତାରୁ ପ୍ରଶଂସା, ପରିସ୍ଥିତି ସରଳ ହେବ, ଭ୍ରାତୃ ସମ୍ପର୍କରେ ଅବନତି, ପାରିବାରିକ ସୌଖ୍ୟ।

**ମକର**



ପାରିବାରିକ ଅସ୍ଥିରତା, ବ୍ୟୟବହୁଳ ଜୀବନ, ସଂଘର୍ଷମୟ ପରିସ୍ଥିତି, ବନ୍ଧୁଙ୍କ ଉଦାରତା, ସାହାଯ୍ୟ ସହଯୋଗ ପାଇବେ, ଅଧସ୍ତନଙ୍କ କର୍ମକୁଣ୍ଠତା, ସନ୍ତାନଙ୍କ ଅଳି, ଋଣଭାର ବଢ଼ିବ।

**କୁମ୍ଭ**



ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ପ୍ରିୟଜନଙ୍କ ଆଦର, ବିବାଦର ସମାଧାନ, ଆର୍ଥିକ ପ୍ରଗତିରୁ ଆନନ୍ଦ, ନୂତନ ଗୃହ ନିର୍ମାଣ, ଜମିଜମା କ୍ରୟ ବିକ୍ରୟ, ବ୍ୟବସାୟିକ ଉତ୍କର୍ଷ, ଅନୁସନ୍ଧାନରେ ସଫଳତା, ରଚନାତ୍ମକ କାମରୁ ପ୍ରଶଂସା, କର୍ମକ୍ଷେତ୍ରରେ ପ୍ରତିଷ୍ଠା।

**ମୀନ**



ମାନସିକ ସୁସ୍ଥତା, ପାରିବାରିକ ସହମତି, ବନ୍ଧୁ ସମ୍ପର୍କରେ ଉନ୍ନତି, ଆତ୍ମୀୟଙ୍କ ସହଯୋଗ, ସୀମାକୁ ନେଇ ବିବାଦ, ଅଶୌଚ ଖବର ପାଇବେ, ଭୁଲ୍ ନିଷ୍ପତ୍ତି ନେବେ, ସମାଲୋଚିତ ହୋଇପାରନ୍ତି, ଭିଜିଲାନ୍ସ ଧରପଗଡ଼, ପରୋକ୍ଷ ଶତ୍ରୁତାରୁ ଦୁଶ୍ଚିନ୍ତା।

# ପ୍ରଜାପତି: କିଛି ଜାଣିବା କଥା

- ସୂଚନାନୁଯାୟୀ, ପୃଥିବୀ ପୃଷ୍ଠରେ ପ୍ରାୟ ୨୮,୦୦୦ ପ୍ରକାରର ପ୍ରଜାପତି ଦେଖାଯାଇଥାନ୍ତି।
- ଆଉ ପ୍ରତି ପ୍ରଜାପତିଙ୍କର ଆକାର ଭିନ୍ନ ଭିନ୍ନ ହୋଇଥାଏ।



- ତେବେ ପୁରୁଷ ପ୍ରଜାପତିଙ୍କ ତୁଳନାରେ ସ୍ତ୍ରୀ ପ୍ରଜାପତିମାନେ ଦେଖିବାକୁ ଟିକେ ବଡ଼ ହୋଇଥାନ୍ତି। ଆଉ ସେମାନଙ୍କର ସଂଖ୍ୟା ବି ଟିକେ ଅଧିକ ଥାଏ।
- ପ୍ରଜାପତିଙ୍କର ଶ୍ରବଣ ଶକ୍ତି ନ ଥାଏ, କିନ୍ତୁ ସେମାନେ ନିଜର ଶିକାରର କମ୍ପନକୁ ବହୁତ ଭଲ ଭାବେ ଅନୁଭବ କରିପାରନ୍ତି।
- ପ୍ରଜାପତିମାନେ ସେମାନଙ୍କ ଡେଣାରୁ ବାହାରୁଥିବା ଶବ୍ଦକୁ ଅନୁକରଣ କରି ପରସ୍ପରର ଖବର ରଖିଥାନ୍ତି।
- ସେହିପରି ପୁରୁଷ ପ୍ରଜାପତି ସ୍ତ୍ରୀ ପ୍ରଜାପତି ସହ ସମ୍ପର୍କ ରଖିବା ପାଇଁ ନିଜ ଶରୀରରୁ ଏକ ପ୍ରକାରର ମହକ ଉତ୍ପନ୍ନ କରିଥାଏ, ଯାହାକୁ ପ୍ରାୟ ୨ କି.ମି ଦୂରରୁ ସ୍ତ୍ରୀ ପ୍ରଜାପତି ଶୁଙ୍ଘି ଆକର୍ଷିତ ହୋଇ ଆସିଥାଏ।

# ପାଠକୀୟ

*ଦିନ ଥିଲା, ଯାଦୁଖେଳର ନାଁ ଶୁଣିଲେ ମନରେ ଅହେତୁକ ଉତ୍କଣ୍ଠା ଖେଳି ଯାଉଥିଲା। ଗାଁରୁ ସହର ପ୍ରତ୍ୟେକ ବର୍ଗର ଲୋକଙ୍କ ପ୍ରିୟ ହୋଇ ରହିଥିଲା ଯାଦୁଖେଳ। କିନ୍ତୁ ଆଜିର ସମୟରେ ବିଭିନ୍ନ କାରଣରୁ ଯାଦୁଖେଳର ସେ ପୂର୍ବ ଆକର୍ଷଣ କମି ଆସିଲାଣି। ତଥାପି ଅନେକ ଯାଦୁକର ଛାଡ଼ି ପାରି ନାହାନ୍ତି ଏହି ପେସାକୁ। ଯାଦୁକରୀକୁ ପେସା ଭାବେ ଗ୍ରହଣ କରି ଜୀବନ ଜିଉଥିବା ସେମିତି କେତେଜଣ ଯାଦୁକରଙ୍କର କଥାକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ଗାଜରର କ'ଣ ସବୁ ଔଷଧୀୟ ଗୁଣ ରହିଛି' ସେ ସମ୍ପର୍କରେ ଅନେକ କଥା ଏଥରର ଛୁଟିଦିନରୁ ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*-ସୁନିଲ୍ କୁମାର ରଥ, ଝାଡେଶ୍ୱରୀ ଲେନ୍, ପୁରୀ*

*ଓଡ଼ିଶାର କେତେଜଣ ଲୋକପ୍ରିୟ ଯାଦୁକରଙ୍କର ସଂଘର୍ଷପୂର୍ଣ୍ଣ ଜୀବନୀକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଯାଦୁକରଙ୍କ କଥା' ଏକ ସୁନ୍ଦର ଆଲେଖ୍ୟ ଥିଲା। ସେହିପରି ଘରେ ହାତୀଙ୍କ ମୂର୍ତ୍ତି ରଖିଲେ କ'ଣ ସବୁ ଉପକାର ହୋଇଥାଏ, ତାହା ମଧ୍ୟ ଛୁଟିଦିନରୁ ପଢ଼ି ଖୁସି ଲାଗିଲା। ତା'ଛଡ଼ା ପ୍ରାଣୀଙ୍କୁ ଭଲ ପାଉଥିବାରୁ କେତେଜଣ ନିଜ ଶରୀରକୁ ପରିବର୍ତ୍ତନ କରି ତାଙ୍କରି ଭଳି ଦେଖାଯିବାକୁ କିପରି ଚେଷ୍ଟା କରିଛନ୍ତି, ସେ ସମ୍ପର୍କରେ ଜାଣି ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲି।

*-ଅମୀୟ ବିଶ୍ୱାଳ, ରେଲଓ୍ୱେ ଷ୍ଟେଶନ ରୋଡ, ବଲାଙ୍ଗୀର*

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ପରିବେଶ ବନ୍ଧୁ ମନୋରଞ୍ଜନ ମିଶ୍ରଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'କହି ଦେଉଥାଇ ପରକୁ' ନାମକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। ସେହିପରି 'ଚା' କପ୍' ଏବଂ 'ବନ୍ଧୁତା' ନାମକ କବିତା ଦୁଇଟି ମଧ୍ୟ ଭାରି ମନଛୁଆଁ ଲାଗୁଥିଲା। ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ଦିଶୁଥିଲା।

*-ଇନ୍ଦ୍ରେଶ୍ୱର ଭୂୟାଁ, ଫୁଲନଖରା, ଭୁବନେଶ୍ୱର*

*ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଚିରସ୍ରୋତା ଖୁଣ୍ଟିଆଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ମର୍ମସ୍ପର୍ଶୀ ଥିଲା। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ପୃଥିବୀ ପୃଷ୍ଠରେ ଥିବା କେତେକ ଭୟଙ୍କର ତଥା ରହସ୍ୟମୟ ଜଙ୍ଗଲ ସମ୍ପର୍କରେ ଏଥରର ଛୁଟିଦିନରୁ ଜାଣି ଖୁବ୍ ଆଶ୍ଚର୍ଯ୍ୟ ଲାଗିଲା। ଅନ୍ୟପକ୍ଷେ ମଡେଲ୍ ମିରର୍‌ରେ ସୁଧାଂଶୁ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ।

*-ଶ୍ରୀୟାଂଶ ମିଶ୍ର, ଚନ୍ଦନପୁର, ପୁରୀ*



## ବିଶେଷ ଚିଠି

ଧରିତ୍ରୀର ତୁମେ ସୁଯୋଗ୍ୟ ସନ୍ତାନ
ନାମ ଅଟଇ ତୁମ ଛୁଟିଦିନ,
ଷୋହଳ ପୃଷ୍ଠାରେ ତୁମ ଦେହ ଗଢ଼ା
ପ୍ରତିଟି ପୃଷ୍ଠା କିଣିନିଏ ସଭିଙ୍କର ମନ।
ଭାରି ଭଲ ଲାଗେ ତୁମ ବ୍ୟାକ୍‌ପେଜ୍ ଓ ବିବିଧା
ତା'ସାଙ୍ଗକୁ ସିନେମା ଓ ରୋଜଗାର କଥା,
ପ୍ରଚ୍ଛଦ ବି ତୁମର ସର୍ବଦା ନିଆରା ଲାଗେ
ଦେଇଥାଏ କେତେ ନୂଆ ନୂଆ ବାର୍ତ୍ତା।
ତେଣୁ ଏତିକି ମିନତି କରୁଛି ହେ ଠାକୁରେ,
ଛୁଟିଦିନକୁ ସର୍ବଦା ରଖିଥାଅ ଆଗରେ।

*-ନବଘନ ସୁବୁଦ୍ଧି, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଆମ ସ୍କୁଲ




ଶିକ୍ଷାର୍ଥୀ ପାଇଁ ବିଦ୍ୟାଳୟ ହେଉଛି ଦ୍ୱିତୀୟ ଘର ସଦୃଶ। ମାଆର ପଣତ, ବାପାଙ୍କ ସ୍ନେହ, ଗୁରୁଜନଙ୍କ ଆଦର ଭିତରେ ତା'ର ପିଲାମନ ଖୋଜିହୁଏ ସେହି ଅନୁଭବ ବିଦ୍ୟାଳୟ ପରିବେଶରେ। ଏଇ ବିକଳ୍ପ ଘରଟି ଶିଶୁ ପାଇଁ ସବୁଦିଗରୁ ଆକର୍ଷଣୀୟ ହେଉ, ଏକଥା ଚାହାନ୍ତି ପ୍ରାୟ ପ୍ରତ୍ୟେକ ଅଭିଭାବକ। ଏହି ଚାହିଁବାରୁ ବୋଧହୁଏ ଘରୋଇ ବିଦ୍ୟାଳୟଗୁଡିକର ଉଦ୍ଭବ। ଯାହାର ସୌନ୍ଦର୍ଯ୍ୟ ଆଉ ପାଠପଢା ସବୁବେଳେ ଆକର୍ଷିତ କରେ ସମସ୍ତଙ୍କୁ। ତେବେ ଆମେ ଯଦି ଫେରିଯିବା କେତେ ଦଶନ୍ଧି ତଳକୁ ଯେତେବେଳେ କ୍ୱଚିତ ଘରୋଇ ବିଦ୍ୟାଳୟ ଥିଲା ସେତେବେଳେ ଆମ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟରେ ବି ମିଳୁଥିଲା ଆମ ଚାହିଁବା ମୁତାବକ ସୁବିଧା ସୁଯୋଗ। ପିଲାଏ ବିଦ୍ୟାଳୟ ହତାରେ ଶିକ୍ଷକଙ୍କ ସହ ମିଶି ଖୁବ୍ ଉତ୍ସାହରେ ଗଛ ଲଗାଉଥିଲେ। ବଗିଚା ତିଆରି କରୁଥିଲେ। ବିଦ୍ୟାଳୟ କାନ୍ଥରେ ନୈତିକ ପୌରାଣିକ କାହାଣୀମାନଙ୍କର ଚିତ୍ର ଆଙ୍କୁଥିଲେ। ନିଜ ପାଠ୍ୟ ଅତିରିକ୍ତ ଗୁଣାବଳୀର ବିକାଶ କରିବାକୁ ସୁଯୋଗ ମଧ ପାଉଥିଲେ।' ଗାଁ ପରିମଳ ଧୋବା ତୁଠ'ରୁ ନ୍ୟାୟରେ ବିଦ୍ୟାଳୟକୁ ଦୂରରୁ ଦେଖି ଜଣା ପଡିଯାଉଥିଲା ତାର ଶୈକ୍ଷିକ ମାନ । ଶୈକ୍ଷିକ ମାନ ବା ଗୁଣବତ୍ତା ଘରୋଇ କି ସରକାରୀ ଉଭୟ ଭାବନାଠାରୁ ଉର୍ଦ୍ଧ୍ୱରେ। ଶିକ୍ଷାର ମାନ ନିର୍ଭର କରେ ଶିକ୍ଷକମାନଙ୍କ ଅଙ୍ଗୀକାରବଦ୍ଧତାରେ ଯାହା ପ୍ରତିଫଳିତ ହୋଇ

**କୋମଳ ମନର ଏକ ମିଠା ଅନୁଭବର ନାଁ ସ୍କୁଲ। ସେଥିପାଇଁ ଯେକୌଣସି ବୟସର ମଣିଷ ମନରେ ସ୍କୁଲର ସ୍ମୃତି ଖେଳେଇଦିଏ ରୋମାଞ୍ଚ। ସେଇଥିପାଇଁ ବୋଧେ କୁହାଯାଏ, ଜଣେ ବିଦ୍ୟାର୍ଥୀ ପାଇଁ ସ୍କୁଲ ହେଉଛି ଦ୍ୱିତୀୟ ଘର। ଆଉ ଏହି ଘରଟି ସବୁଦିଗରୁ ସୁନ୍ଦର ହେଉ ବୋଲି ଚାହାନ୍ତି ଅଭିଭାବକ, ଶିକ୍ଷକ ସର୍ବୋପରି ଛାତ୍ରୀଛାତ୍ର। ଏ କଥାକୁ ସତରେ ପରିଣତ କରିଛନ୍ତି କେତେକ ଶିକ୍ଷକ, ଯାହାଙ୍କ ଅକ୍ଳାନ୍ତ ଚେଷ୍ଟାରେ ସ୍କୁଲ ପାଲଟିଛି ଅନ୍ୟମାନଙ୍କ ପାଇଁ ଉଦାହରଣ...**

ଆସିଥାଏ ଶିକ୍ଷାର୍ଥୀର ସାମଗ୍ରିକ ବିକାଶରେ। ଶିକ୍ଷାର ମାନ କହିଲେ ପିଲା ପାଉଥିବା ଡିଭିଜନ ବା ରଖୁଥିବା ନମ୍ବର ତ ନୁହେଁ, ମାନ ଏକ ସାମଗ୍ରିକ ବିଷୟ । ଶାରୀରିକ, ମାନସିକ, ସାମାଜିକ, ଆବେଗିକ, ନୈତିକ ବିକାଶ ସହ ବିକଶିତ ହୋଇଥାଏ ଶିଶୁର ଆନୁଷ୍ଠାନିକ ଜ୍ଞାନ। ଏଭଳି ଏକ ଗୁରୁ ଦାୟିତ୍ୱ ବହନ କରିଥାଏ ବିଦ୍ୟାଳୟ ଯିଏ ସଠିକ୍ ଭାବରେ ଗଢ଼ିଥାଏ ପିଲାଙ୍କୁ। ଆମେ ଏହି ନିଷ୍ଠା ଏବଂ ତ୍ୟାଗର ଉଦାହରଣ ଦେଖିଛେ ଗୋପବନ୍ଧୁଙ୍କ ସତ୍ୟବାଦୀ ବନବିଦ୍ୟାଳୟରେ, ଚିତ୍ତରଞ୍ଜନ ଦାସଙ୍କ ଜୀବନ ବିଦ୍ୟାଳୟରେ ଆଉ ଅନେକ ବିଦ୍ୟାଳୟମାନଙ୍କରେ ଯେଉଁଠି ଶିକ୍ଷାଦାତା ବିଦ୍ୟାଳୟକୁ ମନ୍ଦିର ମନେ କରି ପୂଜାକାର୍ଯ୍ୟ ଭଳି ଶିକ୍ଷାଦାନ କାର୍ଯ୍ୟକୁ ଖୁବ୍ ସୁନ୍ଦର ଭାବରେ ସମ୍ପାଦନ କରିଛନ୍ତି। ପିଲାଙ୍କ କୋମଳ ମନକୁ ବୁଝିବା ପାଇଁ ନିଜେ ପିଲାହୋଇ ପିଲାଙ୍କ ସହ କାମ କରନ୍ତି । ସେମାନଙ୍କୁ ସ୍ୱାଧୀନତା ଏବଂ ସ୍ୱଚ୍ଛନ୍ଦତା ଦେବା ସହ ସେମାନଙ୍କର ଅଭିବୃଦ୍ଧି ଓ ବିକାଶ ପାଇଁ ସଦା ଚେଷ୍ଟିତ ହୋଇଥାନ୍ତି । କିଛି ଶିକ୍ଷକ ଥାଆନ୍ତି ସେମାନେ ବିଦ୍ୟାଳୟକୁ ଘର ମନେ କରି ସରକାର ଧାର୍ଯ୍ୟ କରିଥିବା ସମୟଠାରୁ ଯଥେଷ୍ଟ ଅଧିକ ସମୟ ବିଦ୍ୟାଳୟର ଉନ୍ନତି ପାଇଁ ଦେଇଥାଆନ୍ତି। ସେମାନଙ୍କର ବିଦ୍ୟାଳୟ ପ୍ରତି ଥିବା ଅକୁଣ୍ଠ ଶ୍ରଦ୍ଧା, ଶ୍ରମଦାନ ବିଦ୍ୟାଳୟକୁ ମନ୍ଦିର କରିଥାଏ। ଏହି କଥାକୁ ସତ କରି ଦେଖାଇଛନ୍ତି କିଛି ଶିକ୍ଷକ, ଯାହାଫଳରେ କି ସେହି ବିଦ୍ୟାଳୟଗୁଡିକ ଅନ୍ୟମାନଙ୍କ ପାଇଁ ଏବେ ପ୍ରେରଣା...

**ସୌନ୍ଦର୍ଯ୍ୟ ବଢ଼ିଛି ସମ୍ମାନ ମିଳିଛି:** ବିଦ୍ୟାଳୟ ଯାହାର ଅନ୍ୟ ଏକ ନାମ ମଣିଷ ତିଆରି କାରଖାନା। ଯେଉଁଠି ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଓ ଚରିତ୍ର ଗଠନର ମୂଳଦୁଆ ପଡ଼ିଥାଏ। ତେବେ କେବଳ ବିଦ୍ୟାଳୟ ଶ୍ରେଣୀଗୃହ ଚାରିକାନ୍ଥ ମଧ୍ୟରେ ଶିକ୍ଷାଦାନ ନୁହେଁ, ଏହାର ପରିସରକୁ ଯଦି ସୁନ୍ଦର କରିବା ସହ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଏ, ତା'ହେଲେ ପାଠ ପଢ଼ିବା ପାଇଁ ପିଲାଙ୍କର ଆଗ୍ରହ ବଢ଼ିବ। ଏଥିପାଇଁ ଶିକ୍ଷକ, ଅଭିଭାବକଙ୍କ ସହ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମିତି ଏକ ବିଦ୍ୟାଳୟ ଅଛି ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲ୍ଲୀ ବ୍ଲକ ଅଧୀନ ସମଲେଇତୁଆଁ ଗ୍ରାମପଞ୍ଚାୟତରେ। ଏଠାରେ ୧୯୬୬ ମସିହାରେ ସ୍ଥାପିତ ହୋଇଥିଲା 'ସରକାରୀ ଉଚ୍ଚବିଦ୍ୟାଳୟ, ସମଲେଇତୁଆଁ'। ଯେଉଁ ସ୍କୁଲ କି ନିଜର ସବୁଜ ସୁନ୍ଦର ପରିବେଶ ପାଇଁ ଅନ୍ୟମାନଙ୍କ ଲାଗି ପ୍ରେରଣା ପାଲଟିଛି। ଏଠାରେ ଷଷ୍ଠରୁ ୧୦ମ ଶ୍ରେଣୀ ରହିଥିବା ବେଳେ ଚଳିତବର୍ଷ ୨୮୬ ଛାତ୍ରୀଛାତ୍ର ଓ ୬ଜଣ ଶିକ୍ଷୟିତ୍ରୀ,ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଚାଲିଛି। ଏହି ବିଦ୍ୟାଳୟର ଶିକ୍ଷକ ସୁରେଶ ପୂଜାରୀ କୁହନ୍ତି, '୨୦୦୧ମସିହାରୁ ମୁଁ ଏହି ସ୍କୁଲରେ ଶିକ୍ଷକତା କରୁଛି। ଆମ ଘରଠାରୁ ଉକ୍ତ















ଭରତ କୁମାର ସାହୁ


ନନ୍ଦ କବାସୀ


ରମେଶ ଚନ୍ଦ୍ର ପ୍ରଧାନ


ସୁରେଶ କୁମାର ପୂଜାହାରୀ


ସୁରେଶ ପ୍ରଧାନ


ଜନାର୍ଦ୍ଦନ ସାହୁ


ସଞ୍ଜୀବ ସେନାପତି


ବିଦ୍ୟାଳୟର ଦୂରତା ମାତ୍ର ୩ କିମି। ପିଲାଦିନୁ ଗଛଲଗାଇବା ଅଭ୍ୟାସ ରହିଥିବାରୁ ଆମ ବିଦ୍ୟାଳୟ ପରିସରରେ ଆଜକୁ ପ୍ରାୟ ୧୦ବର୍ଷ ତଳୁ ବିଭିନ୍ନ ବୃକ୍ଷଲତା ଲଗାଇ ତା'ର ଯତ୍ନ ନେଉଥିଲି। ତେବେ କରୋନା ମହାମାରୀ ଯୋଗୁଁ ଚାରିଆଡ଼େ ଲକ୍‌ଡାଉନ ଘୋଷଣା ହେଲା। ସମସ୍ତ ଶିକ୍ଷାନୁଷ୍ଠାନ ଅନେକ ଦିନ ଧରି ବନ୍ଦ ରହିଲା। ଫଳରେ ସେହି ସମୟରେ ଚିନ୍ତାକଲି ସ୍କୁଲ ପରିସରରେ ବିଭିନ୍ନ ଫୁଲ ଓ ଫଳଚାରା ରୋପଣ କରିବି। ତା'ପରେ ଚାରା ଆଣି ଗଛ ଲଗାଇଲି। କିଛିଦିନ ପରେ ସ୍କୁଲର ପରିବେଶ ଦେଖି ପ୍ରଧାନ ଶିକ୍ଷକ ଆନନ୍ଦ ପ୍ରଧାନ ଖୁବ୍ ଖୁସି ହୋଇ ମୋତେ ଉତ୍ସାହିତ କଲେ। ଅନ୍ୟ ଶିକ୍ଷକମାନେ ମଧ୍ୟ ଖୁବ୍ ସହଯୋଗ କଲେ। ଏପରି କି ଗାଁର ନାରାୟଣ ନନ୍ଦ ଓ ରାଜୁ ଦୀପ୍ ନାମକ ଛାତ୍ର ଆମ ସହିତ ମିଶି କାମ କଲେ। ଦିନକୁ ଦିନ ବିଦ୍ୟାଳୟ ପରିସର ଖୁବ୍ ଆକର୍ଷଣୀୟ ହୋଇଉଠିଲା। ସ୍କୁଲର ସୁନ୍ଦର ପରିବେଶ ଦେଖି ବିଦ୍ୟାଳୟ ରାସ୍ତାଦେଇ ଯାଉଥିବା ଯେକୌଣସି ବ୍ୟକ୍ତି କିଛି ସମୟ ଚାହିଁରୁହନ୍ତି। ଏଥିଯୋଗୁ ସମସ୍ତଙ୍କ ପ୍ରଶଂସା ସହ ଶିକ୍ଷା ବିଭାଗ ତରଫରୁ ସହଯୋଗ ମିଳିଲା। ବିଦ୍ୟାଳୟର ପ୍ରାୟ ଏକ ଏକର ପରିମିତ ଜାଗାରେ ତୁଳସୀ ଆଦି ୪୦ପ୍ରକାରର ବିଭିନ୍ନ ଔଷଧୀୟ ବୃକ୍ଷଲତା ଲାଗିଥିବା ବେଳେ ଟଗର, ଗୋଲାପ, ହେନା, ଚମ୍ପା ଆଦି ପ୍ରାୟ ୩୫ପ୍ରକାରର ବିଭିନ୍ନ ଫୁଲଗଛ ଲାଗିଛି। ବର୍ଷର ସବୁ ସମୟରେ ଫୁଟୁଥିବା କିଛି ପ୍ରଜାତିର ଫୁଲଗଛ ରହିଛି। ୫ ପ୍ରକାର କଇଁ, ୭ପ୍ରକାର ବିଦେଶୀ ପଦ୍ମ ପାଣିରେ ଲଗାଯାଇଛି। ସେହିପରି ରାଜହଂସ, ଟର୍କି, ୫ ପ୍ରଜାତିର କୁକୁଡ଼ା, ଠେକୁଆ ଆଦି କେତେକ ଗୃହପାଳିତ ପଶୁପକ୍ଷୀ ରଖାଯାଇଛି। ପଠନ ଉପଯୋଗୀ ବିଷୟ ଉପରେ ଆଧାରିତ କିଛି କଳାକୃତି ଏବଂ ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଲେଖାଯାଇଛି। ବିଦ୍ୟାଳୟ ପରିସର ବାମପଟେ ଏକ ହାତତିଆରି ଛୋଟ ପାହାଡ଼ ଓ ଝରଣା ଏବଂ ଏକ କୁଟିର ତିଆରି ହୋଇଛି। ଏମିତି କାର୍ଯ୍ୟ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଜରିଆରେ ପ୍ରାୟ ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ପୂର୍ବତନ ଜିଲାପାଳ ମନିଷା ବାନାର୍ଜୀ ସ୍କୁଲ ପରିଦର୍ଶନରେ ଆସି ବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗକରି ପ୍ରଶଂସା କରିଥିଲେ। ପୂର୍ବତନ ବିଇଓ ଡ. ରାଧାକାନ୍ତ ଗଡ଼ତିଆ ଏହି ବିଦ୍ୟାଳୟର ସୌନ୍ଦର୍ଯ୍ୟକରଣ ପାଇଁ ସହଯୋଗ କରିଛନ୍ତି। ଏମିତିରେ ଅନ୍ୟମାନଙ୍କ ସହଯୋଗରେ ବିଦ୍ୟାଳୟର ସୌନ୍ଦର୍ଯ୍ୟ ଦୁଇଗୁଣ ହୋଇପାରିଥିବାରୁ ଚଳିତ ବର୍ଷ ଜୁନ୍ ମାସରେ ଜଙ୍ଗଲ ବିଭାଗ ତରଫରୁ ଏହି ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ପୁରସ୍କାର ମିଳିପାରିଛି ଯାହା ବିଦ୍ୟାଳୟକୁ ଦେଇଛି ଏକ ନିଆରା ପରିଚୟ।

**ଶିକ୍ଷକଙ୍କ ସବୁଜ ସଂକଳ୍ପ:** ଏମିତି କିଛି ବିଦ୍ୟାଳୟ ରହିଛି ମାଲକାନଗିରି ଜିଲାରେ ଯାହା ବେସରକାରୀ ବିଦ୍ୟାଳୟର ଭ୍ରମ ସୃଷ୍ଟି କରିବ । ସରକାରୀ ବିଦ୍ୟାଳୟରୁ ମୁହଁ ଫେରାଉଥିବା ଅଭିଭାବକମାନଙ୍କୁ ଏହା ନିଶ୍ଚିତ ଭାବରେ ଆକର୍ଷିତ କରିବ । ବିଦ୍ୟାଳୟଟି ବାହାରୁ ମନ୍ଦିର ଭଳି ଦେଖାଯାଉଛି। ଭିତରକୁ ଗଲେ କିନ୍ତୁ ପାର୍କ ଭଳି ଲାଗିବ। କିନ୍ତୁ ଏହା ମନ୍ଦିର ନୁହେଁ କି କୌଣସି ପାର୍କ ନୁହେଁ । ଏହା ଏକ ଶିକ୍ଷାନୁଷ୍ଠାନ। ଏ ହେଉଛି ଉପାନ୍ତ ମାଲକାନଗିରି ଜିଲା ଭେଙ୍କେଟ ପାଲମ ପଞ୍ଚାୟତର ମାଙ୍ଗିପାଲି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ, କାଙ୍କରକୋଣ୍ଡା କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ଓ ମାନମକୋଣ୍ଡା ବିଦ୍ୟାଳୟ।

ସୁନ୍ଦର ପରିବେଶ ପାଇଁ ସାରା ଜିଲାରେ ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଯାଇଛି । ଏହି ବିଦ୍ୟାଳୟ ପରିସରରେ ଗଣେଶ ମୂର୍ତ୍ତି, ସରସ୍ୱତୀ ମୂର୍ତ୍ତି, ବୁଦ୍ଧ ମୂର୍ତ୍ତି, ସୁଭାଷ ବୋଷଙ୍କର ଏକ ଆକର୍ଷଣୀୟ ମୂର୍ତ୍ତି ସହ ବିଦ୍ୟାଳୟ ପରିସରରେ ଏକ ଗଜ ଉଦ୍ଧାରଣ ପାର୍କ ମଧ୍ୟ ରହିଛି ,ଯାହା ଛାତ୍ରୀଛାତ୍ରମାନଙ୍କୁ ବେଶ୍ ଆକର୍ଷିତ କରୁଛି । କେବଳ ଛାତ୍ରୀଛାତ୍ରମାନଙ୍କୁ ନୁହେଁ ଜିଲାର ଅନେକ ଲୋକ ମଧ୍ୟ ଉକ୍ତ ବିଦ୍ୟାଳୟର ପରିବେଶ ସମସ୍ତଙ୍କୁ ବେଶ୍ ଆକର୍ଷିତ କରେ। ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲ, ପୂର୍ବତନ ପିଡି ଡିଆରଡିଏ ଲିଙ୍ଗରାଜ ପଣ୍ଡା ମଧ୍ୟ ଅନେକ ଥର ଉକ୍ତ ବିଦ୍ୟାଳୟକୁ ଆସି ବିଦ୍ୟାଳୟର ପରିବେଶ ଦେଖି ଖୁସି ହୋଇଛନ୍ତି। ତତ୍କାଳୀନ ଜିଲାପାଳ ବଳବନ୍ତ ସିଂ ମଧ୍ୟ ଉକ୍ତ ବିଦ୍ୟାଳୟକୁ ଅନେକ ଥର ପରିଦର୍ଶନରେ ଆସିଥିଲେ ।


ଏକ ଆଦିବାସୀବହୁଳ ଗ୍ରାମରେ ରହିଥିବା ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନ ୨୦୧୬ ମସିହାରେ ଦାୟିତ୍ୱ ନେବା ପରେ ବିଦ୍ୟାଳୟର ପରିବେଶ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଥିଲା । ବର୍ତ୍ତମାନ ଏହି ବିଦ୍ୟାଳୟଟି ଏକ ଆଦର୍ଶ ବିଦ୍ୟାଳୟ ତାଲିକାରେ ରହିଛି। ବିଦ୍ୟାଳୟର ଏହି ପରିବେଶ ପାଇଁ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବାର ବ୍ୟବସ୍ଥା ରହିଛି। ଏମାନଙ୍କ ମଧ୍ୟରେ କେତେକ ଛାତ୍ରୀଛାତ୍ର ଛାତ୍ରାବାସରେ ରହି ପାଠ ପଢୁଥିବା ଜଣାପଡ଼ିଛି । ସ୍ୱଚ୍ଛ ଭାରତ ଅଭିଯାନ, ପରିବେଶ ସଚେତନତା ଅଭିଯାନ ମାଧ୍ୟମରେ ମଧ୍ୟ ପ୍ରଧାନ ଶିକ୍ଷକ ଆଦିବାସୀ କୋୟା ଜନଜାତିବହୁଳ ମାଙ୍ଗିପାଲି ଗ୍ରାମରେ ବୁଲି ବୁଲି ଲୋକଙ୍କୁ ସଚେତନ ମଧ୍ୟ କରାଇଥାନ୍ତି। ପ୍ରଧାନ ଶିକ୍ଷକଙ୍କ ଏହିପରି କାର୍ଯ୍ୟଶୈଳୀ ଦେଖି ତତ୍କାଳୀନ ଜିଲାପାଳ ମନୀଷ ଅଗ୍ରୱାଲ ମଧ୍ୟ ନିଜ କାର୍ଯ୍ୟାଳୟ ପରିସର ପରିବେଶକୁ ସୌନ୍ଦର୍ଯ୍ୟକରଣ କରିବାକୁ ଦାୟିତ୍ୱ ଦେଇଥିଲେ। ଏଥିସହ ଏହି ଶିକ୍ଷକ ୧୯୮୮ ମସିହାରେ ପ୍ରଥମେ କାଲିମେଲା ବ୍ଲକର କୋଇମେଟେଲା ବିଦ୍ୟାଳୟରେ ଯୋଗ ଦେଇଥିଲେ। ଆଗରୁ ୧୯୯୧ ମସିହାରେ ସେ ମନ୍ନମକୋଣ୍ଡା ବିଦ୍ୟାଳୟରେ ଯୋଗ ଦେଇଥିଲେ। ସେଠାରେ ମଧ୍ୟ ସେ ନିଜ ଚେଷ୍ଟାରେ ବିଦ୍ୟାଳୟ ପରିସରକୁ ସରସ ସୁନ୍ଦର କରିଥିଲେ। ୨୦୧୧ ମସିହା ପର୍ଯ୍ୟନ୍ତ ସେ ସେହି ସ୍କୁଲରେ ଥିଲେ। ସେତେବେଳେ ବି ବିଦ୍ୟାଳୟକୁ ସୁନ୍ଦର କରିବା ପାଇଁ ଚର୍ଚ୍ଚାରେ ଆସିଥିଲେ। ପରେ ୨୦୧୧ରେ ତାଙ୍କୁ କଙ୍କରକୋଣ୍ଡା କସ୍ତୁରବା ବିଦ୍ୟାଳୟକୁ ବଦଳି କରାଯାଇଥିଲା। ସେଠାରେ ବି ବିଦ୍ୟାଳୟକୁ ସେ ଖୁବ୍ ସୁନ୍ଦର ଆଦର୍ଶ ବିଦ୍ୟାଳୟ ରୂପରେ ଗଢ଼ିଥିଲେ। ଏହାପରେ ତାଙ୍କୁ ୨୦୧୬ରେ ମାଙ୍ଗିପାଲି ବିଦ୍ୟାଳୟକୁ ବଦଳି କରାଯାଇଥିଲା, ଯାହାକୁ ସବୁଜ ସୁନ୍ଦର କରିବା ପାଇଁ ସେ ସଂକଳ୍ପ ନେଇଥିଲେ। ଏଥିରେ ତାଙ୍କୁ ଶିକ୍ଷକ ସଞ୍ଜୀବ ସେନାପତି, ଶରତ କୁମର ସାହୁ ଓ ସ୍କୁଲ ପ୍ରେସିଡେଣ୍ଟ ନନ୍ଦ କବାସୀ ବେଶ୍ ସହଯୋଗ କରିଛନ୍ତି। ସେଥିରେ ତାଙ୍କୁ ବିଦ୍ୟାଳୟ କମିଟି, ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ସହକର୍ମୀ ଶିକ୍ଷକ ମାନେ ସାହାଯ୍ୟ ଓ ସହଯୋଗ କରିବା ସହ ଜିଲାପାଳ ମଧ୍ୟ ସାହାଯ୍ୟର ହାତ ବଢ଼ାଇଥିଲେ।





### ଆକର୍ଷଣ ସାଜିଛି ପାତାଳି ଏକ୍ସପ୍ରେସ:

ଅଧିକାଂଶ ସରକାରୀ ବିଦ୍ୟାଳୟକୁ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ। ଭାବନ୍ତି ସରକାରୀ ବିଦ୍ୟାଳୟରେ ପାଠ ପଢ଼ି ପିଲା ପ୍ରତିଯୋଗିତାମୂଳକ ଦୁନିଆରେ ସଫଳତା ପାଇପାରିବ ତ ? ବହୁତ ଗୁଡିଏ ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ି ଉଠିବା ଓ ତାହାର ପାଠପଢ଼ା ଓ ପରିବେଶକୁ ଦେଖି ଏଭଳି ଅନେକଙ୍କ ମନରେ ଆସିବା କିଛି ଅସ୍ୱାଭାବିକ କଥା ନୁହେଁ। ହେଲେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର କଇରାଝୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ପାଇଁ ଏବେ ଉଦାହରଣ ପାଲଟିଛି। ବେସରକାରୀ ବିଦ୍ୟାଳୟକୁ ଶିକ୍ଷା, ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣରେ ପଛରେ ପକାଇ ଦେଇଛି ଏହି ସରକାରୀ ବିଦ୍ୟାଳୟ । ଏହି ସ୍କୁଲ ବାଟ ଦେଇ ଯିଏ ଥରେ ଯାଉଛି ଘଡିଏ ସେଇଠି ଅଟକି ରହୁଛି। ସ୍କୁଲର କାନ୍ଥବାଡ କଥା ତ ଛାଡ ସ୍କୁଲ ହତାରେ ଛିଡ଼ା ହୋଇଛି ଏକ ଟ୍ରେନ୍। ଟ୍ରେନ୍‌ର ନାଁ ପୁଣି ପାତାଳି ଏକ୍ସପ୍ରେସ। ଷ୍ଟେଶନର ନାମ କରାଇଝୁଲି। ପୁଣି ଟ୍ରେନ୍ ଯିବ ପାତାଳି ଶ୍ରୀକ୍ଷେତ୍ରରୁ ପୁରୀ ବୋଲି ଲେଖାଅଛି। ପ୍ରକୃତରେ ଏହା ଟ୍ରେନ୍ ନୁହେଁ, ସ୍କୁଲର ସାଇକେଲ ଷ୍ଟାଣ୍ଡ। ସତରେ ଦେଖିବାକୁ ଗଲେ କ'ଣ ନାହିଁ ଏହି ବିଦ୍ୟାଳୟରେ। ଶିକ୍ଷୟିତ୍ରୀ ଶିକ୍ଷକ, ରୋଷେୟା ଓ ଛାତ୍ରୀଛାତ୍ର ମିଶି ଏହି ବିଦ୍ୟାଳୟକୁ ସୁନ୍ଦର ଭାବେ ସଜେଇ ଦେଇଛନ୍ତି । କରୋନା ସମୟରେ ପିଲାମାନେ ସିନା ବିଦ୍ୟାଳୟ ଆସୁନାହାନ୍ତି ଶିକ୍ଷୟିତ୍ରୀ ଶିକ୍ଷକ କିନ୍ତୁ ବିଦ୍ୟାଳୟ ଆସି ଘାସ ବାଛିବା ସହିତ ଗଛ ଲତାରେ ପାଣି ଦେଉଛନ୍ତି। ବିଦ୍ୟାଳୟରେ ପିଲାମାନଙ୍କ ପାଇଁ ବିଭିନ୍ନ ଶିକ୍ଷଣୀୟ ମଡେଲ୍ ନିର୍ମାଣ ହୋଇଛି, ଯାହାଦ୍ୱାରା କି ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠ ପଢ଼ିବାକୁ ଆଗ୍ରହୀ ହେବେ। ସ୍ୱଚ୍ଛ, ସବୁଜ ଓ ସୁନ୍ଦର ଶୈକ୍ଷିକ ପରିବେଶ ସମସ୍ତଙ୍କ ନଜରରେ ଭିନ୍ନ ପରିଚୟ ସୃଷ୍ଟି କରୁଛନ୍ତି। ଏହି ବିଦ୍ୟାଳୟ ୧୯୫୬ ମସିହାରେ ପ୍ରତିଷ୍ଠା ହୋଇଥିଲା। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଏଠାରେ ପାଠ ପଢୁଛନ୍ତି । ଚଳିତ ବର୍ଷ ବିଦ୍ୟାଳୟର ମୋଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୬୨ । ମୋଟ ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଚାଲିଛି । ବିଦ୍ୟାଳୟର ସହକାରୀ ଶିକ୍ଷକ ହୃଷୀକେଶ ଚାନ୍ଦ କୁହନ୍ତି, '୬ ବର୍ଷ ହେଲା ଏହି ସ୍କୁଲରେ ଚାକିରି କରିଆସୁଛି । ଆମ ଘରଠାରୁ ବିଦ୍ୟାଳୟର ଦୂରତା ୧୦ କିଲୋମିଟର । ପିଲାଦିନୁ ପରିବେଶ ପ୍ରତି ଆଗ୍ରହ ଥିଲା। ବିଦ୍ୟାଳୟ ପରିସରରେ ବିଭିନ୍ନ ଗଛଲତା ଲଗାଇ ତା'ର ଯତ୍ନ ନେଇଥିଲୁ। ସେ ଦିନର ପ୍ରୟାସ ଏବେ ସାକାର ହୋଇଛି ।' ଚଳିତ ବର୍ଷ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବିଦ୍ୟାଳୟକୁ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପାଇଁ ମନୋନୀତ କରାଯାଇଛି ।









ଏହି ବିଦ୍ୟାଳୟ ୨୦୧୨ରେ ଉଲୁଣ୍ଡା ବ୍ଲକ ସ୍ତରରେ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି, ୨୦୧୪ରେ ଜିଲାସ୍ତରରେ ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି, ୨୦୧୫-୧୬ରେ ଜିଲାସ୍ତରରେ ଶ୍ରେଷ୍ଠ ମଧ୍ୟାହ୍ନ ଭୋଜନ ପରିଚାଳନା କମିଟି, ୨୦୧୭ରେ ଜିଲାସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ଓ ୨୦୧୯ରେ ରାଜ୍ୟସ୍ତରୀୟ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର ହାସଲ କରିଛି । ସେହିପରି ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶିଶୁ ସଞ୍ଚୟନ ଯୋଜନାରେ ପ୍ରାୟ ୨ଲକ୍ଷ ଟଙ୍କା ସଂଗ୍ରହ ହୋଇପାରିଛି । ବିଦ୍ୟାଳୟର ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ ପ୍ରଧାନ କୁହନ୍ତି, 'ମୋ ଘରଠାରୁ ବିଦ୍ୟାଳୟର ଦୂରତା ମାତ୍ର ୨ କିଲୋମିଟର । ଦୀର୍ଘ ବର୍ଷ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲି । ବିଦ୍ୟାଳୟର ୨ ଏକର ଜାଗାରୁ ୧ ଏକର ଜାଗାର ଉନ୍ନତୀକରଣ ପାଇଁ ୨୦୧୧ରେ ନିଷ୍ପତ୍ତି ନେଲୁ । ବିଧାୟକଙ୍କ ଅନୁଦାନରୁ ବିଦ୍ୟାଳୟର ପ୍ରାଚୀର, ସାଇକେଲ ଷ୍ଟାଣ୍ଡ, ଜିଲା ପରିଷଦ ସଦସ୍ୟଙ୍କ ଉଦ୍ୟମରୁ କଂକ୍ରିଟ୍ ରୋଡ ଓ ସରପଞ୍ଚଙ୍କ ଉଦ୍ୟମରୁ ଶୌଚାଳୟ ନିର୍ମାଣ ହୋଇଛି । ବିଦ୍ୟାଳୟକୁ ମିଳିଥିବା କମ୍ପୋଜିଟ୍ ଗ୍ରାଣ୍ଟରୁ ବିଭିନ୍ନ ପ୍ରକାର ଶିକ୍ଷଣୀୟ ଚିତ୍ର ଆଙ୍କିବା ସହ ବଗିଚା ପ୍ରସ୍ତୁତ ହୋଇଛି । ବିଦ୍ୟାଳୟ ବଗିଚାରେ ଜିନିଆ, ଗୋଲାପ, ଗେଣ୍ଡୁ, ଚାଇନା ଟଗର, ମନ୍ଦାର, ଚମ୍ପା କେଦାର ଗୌରୀ ଆଦି ବିଭିନ୍ନ ପ୍ରକାର ଫୁଲ ଗଛ ଲାଗିଛି । ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ହୋଇଛି । ସେହିପରି ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଲାଇବ୍ରେରିର ବ୍ୟବସ୍ଥା ହୋଇଛି । ବିଦ୍ୟାଳୟ କାନ୍ଥରେ ଦେଶ ଓ ରାଜ୍ୟର ପ୍ରାକ୍ତନ୍ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଫଟୋ ଓ ନାମ ରହିଛି । କବିକୃତି କାନ୍ଥରେ ବିଶିଷ୍ଟ କବିଙ୍କ ନାମ ଓ ଫଟୋଚିତ୍ର ଅଙ୍କନ ହୋଇଛି । ବିଶିଷ୍ଟ କ୍ରୀଡାବିତ୍‌ଙ୍କ ବିଷୟରେ ପିଲାମାନେ ଜାଣିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ଛାତ୍ରୀଛାତ୍ରଙ୍କ ଚିତ୍ତବିନୋଦନ ପାଇଁ ପାର୍କ ଓ ଦୋଳି ରହିଛି। ୨୦୨୦ ମସିହା ଡିସେମ୍ବରରୁ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିବା ଜନାର୍ଦ୍ଦନ ସାହୁ କୁହନ୍ତି, 'ବିଦ୍ୟାଳୟକୁ ସୁନ୍ଦର ଓ ଶ୍ରେଷ୍ଠ କରିବା ପାଇଁ ଆମେ ଉଦ୍ୟମ କରିଛୁ। ଏଥିରେ ସମସ୍ତଙ୍କର ସହଯୋଗ ରହିଛି। ପାଠ ପଢ଼ାରେ ମଧ୍ୟ ବିଦ୍ୟାଳୟ ବେଶ୍ ଆଗରେ ଅଛି।

କେବଳ ଏହି କେତୋଟି ସ୍କୁଲ ନୁହେଁ, ସାରା ଓଡ଼ିଶାରେ ରହିଛି ଏମିତି ଅନେକ ସ୍କୁଲ, ଯାହାକି ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ସହଯୋଗରେ ଖୁବ୍ ସୁନ୍ଦର ହେବା ସହ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହୋଇ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛି।

**-ରୋଜାଲିନ୍ ମହାନ୍ତି**

**ତଥ୍ୟ ସହାୟତା : ମୃତ୍ୟୁଞ୍ଜୟ ଶତପଥୀ, ନୃସିଂହ ଚରଣ ମହାନ୍ତି**



# ନୀରବ ସାଧନାର ସନ୍ଦେଶ: ବୃନ୍ଦାବନ ଦାଶ



ଅନୁଶାସନ ପ୍ରିୟ ମଣିଷ। ପରୋପକାରକୁ ଭାବନ୍ତି ସର୍ବସ୍ୱ। ପଇସା ଥାଉ କି ନ ଥାଉ ଅସୁବିଧାରେ ଥିବା ମଣିଷ ପାଖରେ ସୁବିଧା ହୋଇ ପହଞ୍ଚନ୍ତି ସେ। କୋଉ ପିଲା ଖାଇନି, କିଏ ବେମାର, କାହାର ଚପଲ ନାହିଁ କି ଚାଦର ଏସବୁ ଜାଣନ୍ତି ତ ତୁରନ୍ତ ସମାଧାନ କରନ୍ତି। ଅନାଥ ପିଲାଙ୍କୁ ହାତରେ ରାନ୍ଧି ଖୁଆଇବାଠାରୁ ରେଡ୍‌ଲାଇଟ ଏରିଆର ମାଆମାନଙ୍କ ସୁବିଧା ଅସୁବିଧା ବୁଝି ସହାୟତାର ହାତ ବଢ଼େଇବା କାମ ସୂଚାରୁ ରୂପେ ସମ୍ପାଦନ କରିଥାନ୍ତି ସେ ନିଜକୁ ପ୍ରଚାର ଓ ପ୍ରସାରଠାରୁ ଦୂରରେ ରଖି। ନିଜପାଖରେ ନ ଥିଲେ ଆଉ କାହାରିଠୁଁ ଆଣି ଦେଇଦେବେ ସିନା ନିରାଶ କରିବେନି କାହାକୁ। ଭରସା ତୁଟେଇବେନି କାହାର।

ସେ ହେଉଛନ୍ତି ମୟୂରଭଞ୍ଜ ଜିଲାର ବଡ଼ସାହି ବ୍ଲକ ଅନ୍ତର୍ଗତ ଆମ୍ବଡାଳି ଶାସନରେ ୫ ମେ ୧୯୪୦ ମସିହାରେ ଜନ୍ମଗ୍ରହଣ କରିଥିବା ବୃନ୍ଦାବନ ଦାଶ। ବୃତ୍ତିରେ ଶିକ୍ଷକ ଥିଲେ ସିନା ସାରାଟା ଜୀବନ ସମାଜ-ସାହିତ୍ୟ-ସଂସ୍କୃତି ଓ ଅଧ୍ୟାତ୍ମ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଆସିଛନ୍ତି। ପଦ୍ୟ, କବିତା, ଗୀତିକବିତା, ଗାଥା କବିତା, ରୀତିଯୁଗୀୟ ଶୈଳୀରେ ଆଳଙ୍କାରିକ କାବ୍ୟ, ଖଣ୍ଡକାବ୍ୟ ଓ ମହାକାବ୍ୟ ରଚନା, ସନେଟ୍, ଏକପଦୀ, ହାଇକୁ, ଭଜନଜଣାଣ, ପ୍ରାର୍ଥନା ; ବିଭିନ୍ନ ପ୍ରକାରର ଗଳ୍ପ (ସାମାଜିକ, ସମସ୍ୟାମୂଳକ, ପୌରାଣିକ, ଐତିହାସିକ ଓ ଅନୂଦିତ), ଶିଶୁ-କିଶୋର ସାହିତ୍ୟ, ବିଭିନ୍ନ ରୁଚିର ପ୍ରବନ୍ଧ, ଆଲୋଚନା, ସମାଲୋଚନା ଓ ସମୀକ୍ଷା, ହାସ୍ୟ-ବ୍ୟଙ୍ଗ, ଲଘୁ ପ୍ରବନ୍ଧ, ଖବରକାଗଜରେ ସ୍ତମ୍ଭ, ଗୀତିନାଟ୍ୟ, ସଂସ୍କୃତରେ ସ୍ତବ, ସ୍ତୁତି, ଅଷ୍ଟକ ଓ ଶ୍ଳୋକାଦି ରଚନା, ଇଂଲିଶ ଓ ବଙ୍ଗଳାରେ କବିତା ଓ ପ୍ରବନ୍ଧ ଇତ୍ୟାଦି ଶବ୍ଦଶିଳ୍ପରେ ସମୃଦ୍ଧ ତାଙ୍କ ସାରସ୍ୱତ ବ୍ୟକ୍ତିତ୍ୱ। ପ୍ରକାଶିତ ପୁସ୍ତକ ମଧ୍ୟରେ ଅଛି 'ସଂଯୁକ୍ତା' (ଐତିହାସିକ ଖଣ୍ଡକାବ୍ୟ), ଅନିର୍ବାଣ ଦୀପଶିଖା (ଜୀବନୀମୂଳକ), ନୀଳ ଆକାଶର ଟିକିତାରା (ଶିଶୁ-କିଶୋର ଉପଯୋଗୀ କବିତା ସଂକଳନ), ତିନି ବନ୍ଧୁଙ୍କ ମିଳିତ ଉଦ୍ୟୋଗରେ ପ୍ରକାଶିତ କବି ନୀଳକଣ୍ଠ ମିଶ୍ରଙ୍କ କାବ୍ୟ : ନୀଳାଦ୍ରି ସୁନ୍ଦର, ଏକ କାବ୍ୟିକ ଆକଳନ ଏବଂ ଶିଳାସ୍ୱପ୍ନ (କବିତା ସଂକଳନ)। ଅର୍ଥର ଅଭାବରୁ ଶତାଧିକ ପାଣ୍ଡୁଲିପି ଅପ୍ରକାଶିତ ହୋଇ ପଡିରହିଛି। ଏତଦ୍ ବ୍ୟତୀତ କେତେ ଯେ ସୃଷ୍ଟି ଉଈ, ମୂଷା ଓ ପୋକ କାଟି ଖାଇଗଲେଣି ତା'ର ହିସାବ ନାହିଁ। ୧୯୬୯ ଓ ୧୯୭୫ ମସିହାରେ ଦୁଇଦୁଇ ଥର ଘରପୋଡ଼ିରେ ଅସୁମାରୀ ସନେଟ୍, ଗୀତି କବିତା, ଏକାଙ୍କିକା, ଗୀତିନାଟ୍ୟ, ଗଳ୍ପ ଓ ପ୍ରବନ୍ଧ ପୋଡ଼ି ପାଉଁଶ ହୋଇଯାଇଛି। ତଥାପି କଲମ ଅଚଳ ହୋଇନାହିଁ ବୃନ୍ଦାବନ ଦାଶଙ୍କର। କଲମରେ ଯାତ୍ରା ଚାଲିଛି।



ଏବେ ବି ବହୁ ପାଣ୍ଡୁଲିପି ଅସଜଡ଼ା ଅବସ୍ଥାରେ ଗଚ୍ଛିତ ଅଛି ଏବଂ ପ୍ରକାଶିତ ହେବାକୁ ଉନ୍ମୁଖ।

ଏତଦ୍‌ଭିନ୍ନ ବହୁ ପତ୍ରପତ୍ରିକା ଓ ସାହିତ୍ୟ ପ୍ରତିଷ୍ଠାନ, ସାଂସ୍କୃତିକ ପ୍ରତିଷ୍ଠାନ ଓ ଆଧ୍ୟାତ୍ମିକ ପ୍ରତିଷ୍ଠାନର ଉପଦେଷ୍ଟା ଭାବରେ କାର୍ଯ୍ୟରତ। ଓଡ଼ିଶା ତଥା ଓଡ଼ିଶା ବାହାରର ବହୁ ସମ୍ଭ୍ରାନ୍ତ ନିୟମିତ ଓ ସମସାମୟିକ ପତ୍ରପତ୍ରିକାରେ ଗଳ୍ପ, କବିତା, ପ୍ରବନ୍ଧ, ଆଲୋଚନା-ସମାଲୋଚନା, ହାସ୍ୟ-ବ୍ୟଙ୍ଗ, ଲଘୁ ପ୍ରବନ୍ଧ, ଶିଶୁ-କିଶୋର ଉପଯୋଗୀ ଗଳ୍ପ ଓ କବିତାଦି ବହୁ ଅତୀତରୁ ଅଦ୍ୟାବଧି ନିୟମିତ ବ୍ୟବଧାନରେ ପ୍ରକାଶିତ ହୋଇଆସୁଛି। ଆଧ୍ୟାତ୍ମିକ କଥାକୁ ସରଳ ସାବଲୀଳ ଭାଷାରେ ବଖାଣି ଘଣ୍ଟା ଘଣ୍ଟା ବାନ୍ଧିପାରନ୍ତି ଶ୍ରୋତାଙ୍କୁ। ବିମଳ ରାଜନୀତିରେ ରୁଚି ରଖୁଥିବା ମଣିଷ ବୃନ୍ଦାବନ ୧୯୬୪ର ଛାତ୍ର ଆନ୍ଦୋଳନକୁ ସଫଳତାର ସହ ପରିଚାଳନା କରି ଛାତ୍ରନେତା ହୋଇ ଅଜସ୍ର ଶ୍ରଦ୍ଧା ସାଉଁଟିଥିଲେ ଏକଦା। ଧର୍ମ କହିଲେ, 'ମାନବିକତା ହିଁ ଆମର ଧର୍ମ'ବୋଲି ବୁଝୁଥିବା ଏହି ବ୍ୟକ୍ତି ଆଚରଣରେ ତାହା ହିଁ ଦେଖାନ୍ତି। ସେହି ବିଶେଷ ଗୁଣଟି ପାଇଁ କେହି କେହି ତାଙ୍କୁ ଗୋପବନ୍ଧୁ ବୋଲି କୁହନ୍ତି।


ଅଜସ୍ର ପ୍ରତିଭାର ଅଧିକାରୀ ବୃନ୍ଦାବନ ସରଳ, ଅମାୟିକ ଏବଂ ଅକପଟ। ଭୁଲ୍ ଦେଖିଲେ ସ୍ପଷ୍ଟ ସମାଲୋଚନା କରନ୍ତି ଯେପରି, ନିଜ ଦ୍ୱାରା ଭୁଲ୍ ହୋଇଥିଲେ ଯୋଡ଼ହସ୍ତେ କ୍ଷମା ଯାଚନା କରନ୍ତି ସେପରି। ଓଡ଼ିଆ ବ୍ୟତୀତ ଇଂଲିଶ, ବଙ୍ଗଳା ଓ ସଂସ୍କୃତରେ ବେଶ୍ ଦକ୍ଷତା ଅଛି ତାଙ୍କର। ବଙ୍ଗଳା ଭାଷାରେ ଡିପ୍ଲୋମା ହାସଲ କରିଥିବା ବୃନ୍ଦାବନ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରେରିତ ହୋଇ ବିଭିନ୍ନ ବଙ୍ଗ ଭାଷାଭାଷୀ ଅଞ୍ଚଳରୁ ଏହି ଭାଷା ସମ୍ପର୍କରେ ବିଶେଷ ଜ୍ଞାନ ହାସଲ କରିଛନ୍ତି। ନିଜର କୃତୀ ପାଇଁ ସେ ହାସଲ କରିଛନ୍ତି ଅନେକ ସମ୍ମାନ ଓ ସ୍ୱୀକୃତି। ୧୯୯୧ରେ ବାର୍ତ୍ତାଉର୍ମ୍ମୀ ସମ୍ମାନ ବାଲେଶ୍ୱରରୁ, ୧୯୯୧ରେ ପୂଜ୍ୟପୂଜା ସାହିତ୍ୟ ସମ୍ମାନ ବାରିପଦାରୁ, ୧୯୯୨ରେ ପୂଜ୍ୟପୂଜା ଶିଶୁସାହିତ୍ୟ ସମ୍ମାନ ବାରିପଦାରୁ, ୧୯୯୩ରେ ରୁପାଥାଳିଆ ଶିଶୁ ସାହିତ୍ୟ ସମ୍ମାନ ବାଲେଶ୍ୱରରୁ, ୨୦୧୨ରେ ମୟୂରଭଞ୍ଜ ସାହିତ୍ୟ ପରିଷଦ ସମ୍ମାନ ବାରିପଦାରୁ, ୨୦୧୨ରେ କବିଭୂଷଣ ସମ୍ମାନ ରାମକୃଷ୍ଣ ଶାହ ସ୍ମୃତି ସଂସଦ, ବାରିପଦାରୁ,୨୦୧୩ରେ ପରଶମଣି ଶିଶୁ ସାହିତ୍ୟ ପ୍ରତିଷ୍ଠାନ ଦ୍ୱାରା ପରଶମଣି କବିତା ସମ୍ମାନ, ୨୦୧୪ରେ ମା' ତୁଳସୀ ଆଧ୍ୟାତ୍ମିକ ପ୍ରତିଷ୍ଠାନ ଦ୍ୱାରା ବାରିପଦାରୁ ତୁଳସୀ ସମ୍ମାନ, ୨୦୧୫ରେ ମୟୂରଭଞ୍ଜରୁ ମକରମଣ୍ଡା ସମ୍ମାନ ଓ ସମ୍ବର୍ଦ୍ଧନା, ୨୦୧୫ରେ ଗୀତି ଗଙ୍ଗୋତ୍ରୀ, ଭୁବନେଶ୍ୱରରୁ ରାଜ୍ୟସ୍ତରୀୟ ଗୀତିକବି ସମ୍ମାନ, ୨୦୧୫ ବଳାଙ୍ଗୀ ମହୋତ୍ସବ, ବାରିପଦାରୁ ସମ୍ବର୍ଦ୍ଧନା, ୨୦୧୬ରେ ବାଣୀପୀଠ, ବଡ଼ସାହି, ମୟୂରଭଞ୍ଜରୁ, ଭଞ୍ଜପ୍ରଦୀପ ଉପାଧିପ୍ରାପ୍ତ,୨୦୧୬ରେ ଦୀନକୃଷ୍ଣ ସ୍ମୃତି ସଂସଦ, ଜଳେଶ୍ୱରରୁ ରାଜ୍ୟସ୍ତରୀୟ ଡ. ହରେକୃଷ୍ଣ ମହତାବ ସମ୍ମାନ ଆଦି ଲାଭ କରି ବୃନ୍ଦାବନ ଦାଶ ତାଙ୍କ ସାରସ୍ୱତ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତାଙ୍କ ସାଧନା ଯଥାର୍ଥ ମୂଲ୍ୟାୟନର ଅପେକ୍ଷା ରଖେ।


**-ମାନମୟୀ ରଥ**
*ସେଣ୍ଟ ଜାଭିୟର୍ସ କିଡ୍ସ, ବାଲିପୁଟ, ପୁରୀ*
*ମୋ:୭୯୭୮୫୭୯୩୯୯*











# ଛାଇ

**–ପଦ୍ମଜା ଶରଣ**

ଯାହା କହିବାର ନଥିଲା ତମକୁ
କହିସାରିଲିଣି
ଲାଜ ଛାଡି ଘର ଛାଡି
ମଝି ଦାଣ୍ଡରେ ନାଚି ନାଚି
ବେଦମ୍ ହେଲିଣି
ବାଟ ଚାହିଁ ସାରିଦେଲିଣି
ତମାମ୍ ତାରୁଣ୍ୟ
ତଥାପି କାହିଁକି ଭେଟ ହୁଏନା
ତମ ସହ ? ?

ଠିକ୍ ଠିକଣା ଜାଗାର
ଟିକେ ପୂର୍ବରୁ
ମୁଁ ଫେରିଯାଏ  ଆଉ କୁଆଡେ

ଯାକୁ କଣ କହିହେବ କପାଳ
ଯେଉଁ କପାଳରେ
ଲେଖା ହୋଇଛି
ତମେ ,ମୋ ଛାଇଟିଏ କେବଳ
ଛୁଇଁବି ଅଛୁଆଁ
ଧରାଦିଅନା !!!!

*–ନୀଳକଣ୍ଠପୁର,*
*ଧର୍ମଶାଳା,ଯାଜପୁର,*
*ମୋ: ୯୨୩୮୫୮୯୯୧୪*

# ଅବ୍ୟକ୍ତ

**ଜୟନ୍ତୀ ମିଶ୍ର**

ଆକାଶରେ ରୂପାଜହ୍ନ
ବୁଣେ କେତେ ସ୍ୱପ୍ନର ମୂରୁଜ ,
ଭାବନାର ଖିଅଧରି ସ୍ମୃତି ସବୁ
ଉଡିବୁଲେ  ଲାଗେ ସଜସଜ ।

ମନେଅଛି କହିଥିଲ ଭାବୁକ ମୁଁ
ଗଢେଖାଲି କବିତାର ଘର,
ସାଦା କାଗଜରେ ଆଁକି ଚାଲିଥାଏ
ଆର୍ତ୍ତନାଦ ମୋର ।

ନିଃଶବ୍ଦ ମୁଁ ଶବ୍ଦହୀନ
କହିନାହିଁ କେବେଥରେ ମରମର କଥା,
ଛାତି ତଳେ ଲିଭୁଥାଏ,ଜଳୁଥାଏ
କେତେ କେତେ ନୀରବ ଶୂନ୍ୟତା ।

*–କ୍ରିଷ୍ଣ ନଗର, ପଣ୍ଡିଚେରୀ*
*ମୋ: ୯୦୪୨୦୮୭୪୫୬*

# ତିନୋଟି ଅଣୁଗଳ୍ପ

**–ସୁଷମା ପରିଜା**

## ସ୍କୁଲ୍

ବହୁତ ଦିନ ପରେ ଆଜି ସ୍କୁଲ୍ ଖୋଲୁଥିବାରୁ ବିନି  ଖୁବ୍ ଖୁସି ଥିଲା । କାରଣ ଆଜି ସେ ଠିଆ ହେଉଥିବା ଛକ ବାଟଦେଇ ଅନେକ ପିଲା ସ୍କୁଲ୍‌କୁ ଯିବେ ସେମାନଙ୍କ ବାପା ମା'ଙ୍କ ସାଥିରେ । ସେମାନେ ଯାଉଥିବା ସବୁ କାର୍ ଆଉ ସ୍କୁଟରଗୁଡ଼ିକ  ନିଶ୍ଚୟ  ଅଟକିବ ସେଇ ଛକରେ । ଆଜି  ତା'ର ବେଲୁନ୍‌ଗୁଡ଼ିକ ନିଶ୍ଚୟ ବିକ୍ରି ହୋଇଯିବ । ଆଜି ଆଉ ତାଙ୍କର ଚୁଲି ଅଜଳା ରହିବନି କି ମା' ଆଖିରୁ ଲୁହ ଝରିବନି ।

## ସରଳରେଖା

ପ୍ରଖ୍ୟାତ ଚିତ୍ରଶିଳ୍ପୀ  ସୁଲଗ୍ନା  ହସପିଟାଲ୍‌ର ଆଇସିୟୁ ବାହାରେ ହାତ ଯୋଡ଼ି ଠିଆ ହୋଇଥିଲେ ।  ଆଇସିୟୁ  ଭିତରେ ଭେଣ୍ଟିଲେଟର୍‌ରେ ଥିଲା ତାଙ୍କ ଛଅ ବର୍ଷର ପୁଅ ଲାଲଟୁ । ପୁଅକୁ ଏତେଦିନ ଧରି ଶିଖାଇବା ପରେ ମଧ ଡ୍ରଇଁ ଖାତାରେ ସରଳରେଖାଟିଏ ଠିକ୍ ଭାବରେ ଟାଣି ପାରୁ ନ ଥିବାରୁ ସବୁବେଳେ ଗାଳି ମାଡ଼ ଦେଉଥିବା ସୁଲଗ୍ନା କିନ୍ତୁ ଅପଲକ ନେତ୍ରରେ ଚାହିଁ ରହିଥିଲେ ଆଇସିୟୁ ଭିତରେ ଥିବା ପଲ୍ସୋମିଟର୍‌କୁ ଆଉ ନୀରବରେ ଅଶ୍ରୁ ଢାଳି ହୃଦୟରୁ ପ୍ରାର୍ଥନା କରୁଥିଲେ  ଇସିଜି  ମେଶିନ୍‌ର ପରଦା ଉପରେ ଆଜି ମଧ ଗୋଟିଏ ତେଢ଼ା ମେଢ଼ା ରେଖା ଆଙ୍କି ଦେ' ରେ ଧନ  ମୋର ।

## ଢେଉ

ଅନେକ ସମୟ ଧରି ସାଗରର ବେଳାଭୂମିରେ ଅସ୍ତଗାମୀ ସୂର୍ଯ୍ୟ ଆଡ଼କୁ ମୁହଁ କରି ଠିଆ ହୋଇଥିଲା  ପାଞ୍ଚ ବର୍ଷର ବାଳକ ଅମ୍ଳାନ । ଢେଉମାନେ ଆସି ବାରମ୍ବାର ଛୁଇଁ ଦେଇ ଫେରି ଯାଉଥିଲେ ତା'ର ଖୋଲା ପାଦ ଦୁଇଟିକୁ ।  ଦୂରରେ ଚେୟାର୍‌ରେ ବସିଥିବା ତା'ର ଜେଜେମା'  ଡାକ ଦେଲେ ଫେରି ଆ ବାବୁ !  ଘରକୁ ଯିବା,  ବହୁତ ଡେରି ହେଲାଣି । ଆଖିରୁ ଲୁହ ପୋଛି ଗୁଣୁ ଗୁଣୁ ହୋଇ କହିଲା ଅମ୍ଳାନ  ତୁ' ମୋର ବାପା,ମାଆଙ୍କୁ ମୋ ପାଖରୁ ଛଡ଼ାଇ ନେଇ ଯେଉଁ ଅପରାଧ କରିଛୁ, ସେଥିପାଇଁ ମୋର ପାଦ ଛୁଇଁ ଶହେଥର କାହିଁକି ହଜାରେ ଥର କ୍ଷମା ମାଗିଲେ ମଧ ମୁଁ ତତେ କ୍ଷମା ଦେବିନିରେ ସମୁଦ୍ର ! ନା ନା ମୋଟେ ନୁହେଁ ।

*–ଶାରଳା ଭବନ, ପୋତାପୋଖରୀ, କଟକ*
*ମୋ–୯୩୩୭୨୭୨୬୪୭*

# ଓଠ

**–ମାନିନୀ ମିଶ୍ର**

–୧–
ସ୍ୱପ୍ନିଳ ଆଖିରେ ପହଁରେ  ହଳେ ଓଠ
ଧୂମକେତୁ ଝଡିଲା ବେଳେ ଦାନ୍ତ କାମୁଡି
ଆଖିପତା ଝିଙ୍କି , ନିଜ ଇଚ୍ଛା ଜାହିର କରେ
ଓଠ
ଆହାଃ ,ସେ ଓଠ !
–୨–
ପୃଥିବୀର ଓଠ
କେବେ ମିଶିଥିଲା କି
କଳାହାଣ୍ଡିଆ ମେଘର ଓଠରେ  ?
ଏବେ ଖୁବ୍ ବର୍ଷା
ବୁନ୍ଦା ବୁନ୍ଦା କରି ନିଗୁଡୁଛି ପ୍ରେମ
ବିଜୁଳି ଛୁଇଁ ଯାଉଛି
ତଥାପି ସିଧା ଛିଡା ଓସ୍ତ ଗଛ
ପାଗିଳି ପରି
ଛତା ଖୋଲୁନି ବର୍ଷା ଦାସ୍
ଏବେବି ଜଳୁଛି ତା ଓଠ
ପ୍ରେମିକର ଲିପ୍ ଲକ୍ ଚୁମା ରେ  ।
–୩–
ଆଃ ଦେଖ୍ ସେ ଓଠ
ଅନ୍ଧାରର ଓଠ ଉପରେ ଓଠ ଥାପି
ଚୁମା ଦିଆଯାଇପାରେ ଅଧଘଣ୍ଟା
ଆଲୁଅର ଓଠକୁ କହିପାରୁ ଅଇଁଠା

*–ରୋୟାଲ ଲାଗୁନ, ପଟିଆ*
*ଭୁବନେଶ୍ୱର*
*ମୋ–୮୨୪୯୩୪୨୩୪୬*



# ଓଜନ ବଢ଼ାଇଲେ ଅକ୍ଷୟ



ନିଜ ସିନେମା ପ୍ରତି ଖିଲାଡି ମାଷ୍ଟର ଅକ୍ଷୟ କୁମାର ଖୁବ୍ ସିରିୟସ। ବଲିଉଡ୍‌ରେ ଜଣେ ପଙ୍କ୍‌ଚୁଆଲ୍ ଅଭିନେତା ଭାବରେ ତାଙ୍କର ବେଶ୍ ଖାତିର ରହିଛି। ଏବେ ମଧ୍ୟ ନିଜର ଏହି ଅଭ୍ୟାସକୁ ବଜାୟ ରଖିଛନ୍ତି ଏହି ଅଭିନେତା। ବର୍ତ୍ତମାନ ତାଙ୍କର ଦୁଇଟି ସିନେମାର ଶୁଟିଂ ଚାଲିଛି। ଆନନ୍ଦ ଏଲ. ରାଇଙ୍କର ନୂଆ ସିନେମା 'ରକ୍ଷାବନ୍ଧନ'ର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ସେ। ଏଥିରେ ତାଙ୍କର ପାଞ୍ଚ ଜଣ ଭଉଣୀ ଭୂମିକାରେ ପାଞ୍ଚ ଜଣ ନବାଗତାଙ୍କୁ ଦେଖିବାକୁ ମିଳିବ। ଏହି ଫିଲ୍ମରେ ଅକ୍ଷୟଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ଭୂମି ପେଦନେକର। ଅନ୍ୟପକ୍ଷରେ ଆନନ୍ଦଙ୍କ ଆଉ ଏକ ସିନେମା 'ଅତରଙ୍ଗୀ ରେ'ର ଶୁଟିଂ ମଧ୍ୟ ଚାଲୁ ରହିଛି। ଏଥିରେ ଅକ୍ଷୟ ଜଣେ ଅତିଥି କଳାକାର ଭାବରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା 'ରକ୍ଷାବନ୍ଧନ' ଫିଲ୍ମ ପାଇଁ ଅକ୍ଷୟ ନିଜ ଓଜନ ୫ କିଗ୍ରା ବଢ଼ାଇଛନ୍ତି। ହେଲେ ପୁଣିଥରେ ଓଜନକୁ ସନ୍ତୁଳିତ କରିବାକୁ ମୋତେ ଅଧିକ ସମୟ ଲାଗିବ ନାହିଁ ବୋଲି କହନ୍ତି ଏହି ଅଭିନେତା।

# ଏପଟେ ଖୁସି ସେପଟେ ଟେନ୍‌ସନ

ଯାମି ଗୌତମଙ୍କ ଖୁସି ଏବେ ବନ୍ଧବାଡ଼ ମାନୁନି। କାରଣ ଯେଉଁଭଳି ଭୂମିକାଟିଏ ପାଇଁ ସେ ଚାହିଁ ବସିଥିଲେ ତାହା ପୂରଣ ହୋଇଛି। ହେଲେ କ'ଣ ହେବ ତାହାକୁ କିପରି ତୁଲାଇବେ ସେ ନେଇ ଟେନ୍‌ସନ ବଢ଼ିଯାଇଛି। କଥା କ'ଣ କି ଯାମି ନିକଟରେ ଏକ ନୂଆ ଫିଲ୍ମ ସାଇନ୍ କରିଛନ୍ତି, ଯାହାର ଟାଇଟଲ ରହିଛି 'ଦଶଭି'। ଏଥିରେ ସେ ଜଣେ ଆଇପିଏସ୍ ଅଫିସର ଭୂମିକାରେ ଅଭିନୟ କରିବେ। ଏ ସମ୍ପର୍କରେ ଯାମି କହନ୍ତି, 'ଯେତେବେଳେ ଏହି ଫିଲ୍ମର କାହାଣୀ ଶୁଣିଲି ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ସେପଟେ ଏଥିରେ ମୋର ଭୂମିକା ବିଷୟରେ ଜାଣିବା ପରେ ମୋର ଖୁସି ବନ୍ଧବାଡ଼ ମାନି ନ ଥିଲା। ଏହି ଫିଲ୍ମରେ ମୁଁ ଜଣେ ଲେଡି ଆଇପିଏସ ଅଫିସର ଭୂମିକାରେ ଅଭିନୟ କରିବି। ସେଥିପାଇଁ ନିଜକୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଛି।' ଏହି ଫିଲ୍ମରେ ତାଙ୍କର ନାୟକ ସାଜିବେ ଅଭିଷେକ ବଚ୍ଚନ। ତାଙ୍କ ହାତରେ ଆଉ ଏକ ସିନେମା ରହିଛି, ଯାହାର ଟାଇଟଲ ହେଲା 'ଭୂତ ପୋଲିସ'। ଏଥିରେ ଯାମିଙ୍କ ବ୍ୟତୀତ ସୈଫ ଅଲ୍ଲୀ ଖାଁ, ଅର୍ଜୁନ କପୁର ଏବଂ ଜ୍ୟାକଲିନ୍ ଫର୍ନାଡିସ୍ ଅଭିନୟ କରୁଛନ୍ତି।



ଯାମି ଗୌତମ

# ଆରମ୍ଭରୁ ଆଶାବାଦୀ

ରିଲିଜ ଅପେକ୍ଷାରେ ରହିଥିବା ନୂଆ ଓଡ଼ିଆ ସିନେମା 'ପଲ୍ ପଲ୍ ତତେ ଚାହେଁ'ରେ ଆଉ ଜଣେ ନବାଗତା ଓଲିଉଡ୍‌ରେ ନିଜର କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ପୁଣି ସିନେମାରେ ନିଜର ପ୍ରଥମ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ସେ ହେଲେ ପ୍ରାଚୀ ଚୌଧୁରୀ। 'ରଜ କୁଇନ୍-୨୦୧୮'ର ଫାଇନାଲିଷ୍ଟଙ୍କୁ ବଡ଼ ପରଦାରେ ବ୍ରେକ୍ ଦେଉଛନ୍ତି ପ୍ରଥମ ଥର ପାଇଁ ପ୍ରଯୋଜକ ସାଜିଥିବା ତଥା ଅଭିନେତା ଦୀପକ। ହୋମ୍ ବ୍ୟାନର ତନୁଜା ସିନେ ପ୍ରଡକ୍ସନରେ ଏହି ଫିଲ୍ମର ପୋଷ୍ଟ ପ୍ରଡକ୍ସନ କାମ ଶେଷ ହୋଇଛି। ଏଥିରେ ପ୍ରାଚୀଙ୍କୁ ମିଳିଥିବା ଭୂମିକାଟି ହେଲା 'ସାଗରିକା'। କାହାଣୀ ଅନୁସାରେ ସାଗରିକା ଜଣେ ମ୍ୟୁଜିକ୍ କଲେଜର ଛାତ୍ରୀ। ହେଲେ ଏହି ସଙ୍ଗୀତ ଶିଖିବା ମଧ୍ୟରେ ସେ ଜଣକ ପ୍ରେମରେ ପଡ଼ିଯାଇଛି। ଆଉ ତା'ପରେ ଏକ ସମାନ୍ତରାଳ ଗତିପଥରେ ତାକୁ ଚାଲିବାକୁ ପଡ଼ିଛି। ତେବେ ସଙ୍ଗୀତ ପାଇଁ ଜୀବନକୁ ଉତ୍ସର୍ଗ କରିଦେଇଥିବା ସାଗରିକା ନିଜ ପ୍ରେମକୁ ସଫଳ କରିପାରୁଛି ତ ? ଏହାର ଉତ୍ତର ରହିଛି ଉକ୍ତ ସିନେମାରେ। ଏହି ଫିଲ୍ମରେ ପ୍ରାଚୀଙ୍କ ନାୟକ ସାଜିଛନ୍ତି ଦୀପକ। ତନୁଜା ସାହୁଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ସୁଧାକର ବସନ୍ତ ନିର୍ଦ୍ଦେଶନା ଭାର ସମ୍ଭାଳିଥିବା ବେଳେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।



ପ୍ରାଚୀ

# ସେହି ଚାରି ବର୍ଷ

ଅର୍ଜୁନ କପୁର ସେହି ଚାରି ବର୍ଷକୁ ଭୁଲି ପାରୁନାହାନ୍ତି। ଅଭିନୟ କରିବା ପୂର୍ବରୁ ସେ ସହଯୋଗୀ ନିର୍ଦ୍ଦେଶକ ଭାବରେ ବେଶ୍ କେତୋଟି ସିନେମାରେ କାମ କରିଥିଲେ। ସେତେବେଳେ ତାଙ୍କର ଓଜନ ୧୪୦ କିଗ୍ରା ଥିଲା। ନିଜର ଓଜନକୁ ନେଇ ସେ ସବୁବେଳେ ଚିନ୍ତାରେ ରହୁଥିଲେ। ଥରେ ତାଙ୍କର ସଲମାନଙ୍କ ସହ ଭେଟ ହୋଇଥିଲା। ନିଜ ସମସ୍ୟା ବିଷୟରେ ସେ ସଲ୍ଲୁ ମିଆଁଙ୍କୁ କହିଥିଲେ। ବାସ୍, ତାଙ୍କଠାରୁ ଟିପ୍ସ ପାଇବା ପରେ ଅର୍ଜୁନ ବିଳମ୍ବ ନ କରି ନିଜର ଓଜନ କମାଇବାରେ ଲାଗି ପଡ଼ିଥିଲେ। ଦୀର୍ଘ ଚାରି ବର୍ଷ ପରିଶ୍ରମ କରି ସେ ନିଜ ଓଜନକୁ ନିୟନ୍ତ୍ରଣକୁ ଆଣିବାରେ ସକ୍ଷମ ହୋଇଥିଲେ। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇସକଜାଦେ'। ୨୦୧୨ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମରେ ପରିଣିତି ଚୋପ୍ରା ତାଙ୍କ ସହ ଅଭିନୟ କରିଥିଲେ।




ଅର୍ଜୁନ

ଇଲିୟାନା

# ଫଟୋଗ୍ରାଫିରେ ମନ

ଅଭିନୟ କଥା ଛାଡ଼ନ୍ତୁ ଇଲିୟାନା ଡି'କ୍ରୁଜ୍‌ଙ୍କର ଆଉ ଏକ କଥାରେ ପ୍ରବଳ ନିଶା ରହିଛି। ତାହା କ'ଣ ଜାଣନ୍ତି ? ଫଟୋଗ୍ରାଫି। ସେ ଯୁଆଡେ ଗଲେ ସେଠାରେ ବୁଲାବୁଲି କରିବା ସହ ସେହି ସ୍ଥାନର ମନୋରମ ଦୃଶ୍ୟଗୁଡ଼ିକୁ ନିଜ କ୍ୟାମେରାରେ ନେବାକୁ ଆଦୌ ଭୁଲି ନ ଥାନ୍ତି। ଏବେ ଇଲିୟାନା ମାଳଦ୍ୱୀପରେ ଅଛନ୍ତି। ଯେହେତୁ ଏବେ ଶୁଟିଂରୁ ତିନି ସପ୍ତାହ ବ୍ରେକ୍ ମିଳିଛି ତେଣୁ ସେ ପରିବାର ସହ ମାଳଦ୍ୱୀପରେ ଡେରା ପକାଇଛନ୍ତି। ସେଠାରେ ଦର୍ଶନୀୟ ସ୍ଥାନ ବୁଲାବୁଲି କରୁଛନ୍ତି ତା'ସହ ପ୍ରକୃତିର ସୁନ୍ଦର ଦୃଶ୍ୟରାଜିର ଫଟୋ ଉଠାଉଛନ୍ତି। ନିକଟରେ ସେ କେତୋଟି ଫଟୋ ନିଜ ସୋସିଆଲ ମିଡିଆରେ ଅପଲୋଡ୍ କରିବା ପରେ ସେଗୁଡ଼ିକ ଭାଇରାଲ ହୋଇଛି। ସେ ଉଠାଇଥିବା ଫଟୋଗୁଡ଼ିକୁ ଆଲବମ୍‌ରେ ସାଇତି ରଖିଛନ୍ତି। ଏ ନେଇ ଇଲିୟାନା କହନ୍ତି, 'ସ୍କୁଲରେ ପଢ଼ିବା ବେଳଠାରୁ ମୁଁ ଫଟୋଗ୍ରାଫି ପ୍ରତି ଆକର୍ଷିତ ହୋଇଥିଲି। ଏହାକୁ ମୋର ଏକ ନିଶା ବୋଲି କହିପାରନ୍ତି। ବେଶ୍ କିଛି ବର୍ଷ ହେବ ମୁଁ ଅନେକ ଫଟୋ ଉଠାଇଛି ଆଉ ସେଗୁଡ଼ିକୁ ସାଇତି ରଖିଛି। କୋଭିଡ୍ ଭୟ ଦୂର ହେବା ପରେ ମୁଁ ଉଠାଇଥିବା ଫଟୋଗୁଡ଼ିକୁ ନେଇ ଏକ ଫଟୋ ପ୍ରଦର୍ଶନୀ ଆୟୋଜନ କରିବାକୁ ସ୍ଥିର କରିଛି।' ଇଲିୟାନାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ବରଫି'ରୁ। ଏବେ ସେ ଅଭିନୟ କରିଥିବା 'ଅନଫେୟାର ଆଣ୍ଡ ଲଭ୍‌ଲି' ରିଲିଜ ଅପେକ୍ଷାରେ ରହିଛି। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ରଣଦୀପ ହୁଡା।



# ସବୁ ଦର୍ଶକଙ୍କ ପାଇଁ..

ବିଦ୍ୟା ବାଲାନ୍ ଯେତେବେଳେ ଅଭିନୟ ଦୁନିଆରେ ପାଦ ଦେଲେ ସେତେବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡ଼ିଥିଲା। କମେଡି ଟିଭି ଶୋ' 'ହମ୍ ପାଞ୍ଚ'ରୁ ସେ ତାଙ୍କର ଅଭିନୟ ଜୀବନ ଆରମ୍ଭ କରିଥିଲେ। ତା'ପରେ କେତୋଟି ବଙ୍ଗଳା, ତାମିଲ ଏବଂ ତେଲୁଗୁ ସିନେମାରେ ଅଭିନୟ କଲେ। ହେଲେ ସେଠାରେ ମଧ୍ୟ ତାଙ୍କ ପ୍ରତି ଭାଗ୍ୟଦେବୀ ପ୍ରସନ୍ନ ହୋଇ ନ ଥିଲେ। ୨୦୦୫ରେ ତାଙ୍କୁ ବଲିଉଡ୍ ଅଫର ମିଳିଥିଲା ଆଉ ସେପରି ସୁଯୋଗକୁ ଆଦୌ ହାତଛଡା କରି ନ ଥିଲେ ବିଦ୍ୟା। ଫିଲ୍ମଟି ଥିଲା 'ପରିଣିତା'। ଏଥିରେ ବିଦ୍ୟା ନିଜର ଅଭିନୟ ଦକ୍ଷତା ଦେଖାଇଥିଲେ। ତା'ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଆକ୍ଟିଂ କ୍ୟାରିୟର ଉତ୍‌ଥାନ ପତନ ସମ୍ପର୍କରେ ସେ କହନ୍ତି, 'ଅଭିନୟରେ ଉତ୍‌ଥାନ ପତନ ଲାଗି ରହିଥାଏ। ସବୁବେଳେ ଯେ ଫିଲ୍ମ ହିଟ୍ ହେବ ତାହା ଭାବିବା ଭୁଲ। କାରଣ ଏହା ସମ୍ପୂର୍ଣ୍ଣ ଭାବରେ ଦର୍ଶକଙ୍କ ଉପରେ ନିର୍ଭର କରିଥାଏ। ଆଜି ମୁଁ ବଲିଉଡ୍‌ରେ ତିଷ୍ଠି ରହିଛି କେବଳ ଦର୍ଶକଙ୍କ ପାଇଁ। ସେମାନେ ମୋ ଅଭିନୟକୁ ଗ୍ରହଣ କରିଛନ୍ତି ଆଉ ସେମାନଙ୍କର ଋଣ ମୁଁ କଦାପି ଶୁଝି ପାରିପାରିବି ନାହିଁ। ଅଭିନୟରେ ଅସଫଳ ହେଲେ ଭାଙ୍ଗି ପଡ଼ିବା ଠିକ୍ ନୁହେଁ। କାରଣ ସେଥିରୁ ଅନେକ କିଛି ଶିଖିବାର ଅଛି।'



ବିଦ୍ୟା ବାଲାନ

ପ୍ରଥମ ରୋଜଗାର

ଲୋକପ୍ରିୟ ମର୍ଦ୍ଦଳ ବାଦକ ମାନସ **କୁମାର ଷଡ଼ଙ୍ଗୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



# ୫୦ ଟଙ୍କା ଥିଲା ମୋର ପ୍ରଥମ ରୋଜଗାର

ପୁରୀ ଜିଲା ବିଶ୍ୱନାଥପୁର ଗାଁରେ ମୋ ଜନ୍ମ। ପିଲାଦିନେ ଯେବେ ମ୍ୟୁଜିକ୍ କ'ଣ ଜାଣି ନଥିଲି କି ତବଲା ବଜାଇବା କ'ଣ ବୁଝି ନଥିଲି ସେବେଠୁ ମୁଁ ତା' ମାୟାରେ ପଡ଼ିଯାଇଥିଲି। ଏପରିକି ଘରେ ଥିବା କିଛି ପୁରୁଣା ଅବଢ଼ା କୁଡୁଆକୁ ଆଣି ତାକୁ ବାଜା କରି ବଜାଉଥିଲି। ବେଳେବେଳେ ସେଥିରୁ କିଛି ଭାଙ୍ଗି ଯାଉଥିଲା। ପୁଣି ଯେବେ ଘରକୁ ଅବଢ଼ା ଆସୁଥିଲା ସେ କୁଡୁଆ ନେଇ ଯାଉଥିଲି। ଏମିତି କରିବାର ନନା କେତେଥର ଦେଖିଲେ ଆଉ ମୋ ଭିତରେ ଲୁଚି ରହିଥିବା ପ୍ରତିଭାକୁ ଚିହ୍ନି ସେ ମୋ ନାଁ ସାକ୍ଷୀଗୋପାଳସ୍ଥିତ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ତବଲା ବିଭାଗରେ ଲେଖାଇଦେଲେ। ସେଠାରେ ରାମଚନ୍ଦ୍ର ପ୍ରଧାନଙ୍କଠାରୁ ମୁଁ ତବଲା ଶିଖିବା ଆରମ୍ଭ କଲି। କ୍ରମେ ଉକ୍ତ ମହାବିଦ୍ୟାଳୟର ସହଯୋଗରେ ସାକ୍ଷୀଗୋପାଳ ଓ ଆଖପାଖ ଅଞ୍ଚଳରେ ହେଉଥିବା ଭଜନ ସମାରୋହରେ ତବଲା ପରିବେଷଣ କରିବାକୁ ଲାଗିଲି। ଥରେ ସାକ୍ଷୀଗୋପାଳରେ ଥିବା ଆମ ନନାଙ୍କର ନଡ଼ିଆ ଗୋଦାମକୁ ରାଜସ୍ଥାନର ଜଣେ ଲୋକ ବୁଲି ଆସିଥାନ୍ତି। ନନାଙ୍କଠାରୁ ମୋ ବିଷୟରେ ଶୁଣି ମୋତେ ତାଙ୍କ ସାମ୍ନାରେ ତବଲା ବଜାଇବାକୁ ଡାକିଲେ। ସେଦିନ ମୁଁ ତବଲା ବଜାଇଥିଲି ଆଉ ମୋ ନାନୀ ଗୀତ ଗାଇଥିଲେ ; ଯେଉଁଥିରେ ଖୁସି ହୋଇ ସେ ୫୦ ଟଙ୍କା ଉପହାର ଦେଇଥିଲେ, ଯାହାକୁ ନେଇ ମୁଁ ମୋ ନନାଙ୍କ ହାତରେ ଦେଇଥିଲି। ସେ ସମୟରେ ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟକୁ ଗୁରୁ ଡ. ବନମାଳୀ ମହାରଣା, ଗୁରୁ ସଚ୍ଚିଦାନନ୍ଦ ଦାସଙ୍କ ଭଳି ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ବେଶ୍ ନାଁ କମାଇଥିବା ବିଶିଷ୍ଟ ଗୁରୁମାନେ ବେଳେବେଳେ ପରିଦର୍ଶନରେ ଆସୁଥାନ୍ତି। ସେମାନେ ମୋ ତବଲା ବାଦନର ସୁନ୍ଦର ଶୈଳୀକୁ ଦେଖି ମୋ ନନାଙ୍କୁ ପରାମର୍ଶ ଦେଲେ ମୋତେ ମର୍ଦ୍ଦଳ ଶିଖାଇବାକୁ। କାରଣ ମର୍ଦ୍ଦଳକୁ ମୁଖ୍ୟତଃ ଓଡ଼ିଶୀ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ପରିବେଷଣ ସମୟରେ ବଜା ଯାଇଥାଏ। ତେଣୁ ମର୍ଦ୍ଦଳରେ କ୍ୟାରିୟର୍ କରିବା ପାଇଁ ମାଟ୍ରିକ୍ ପରେ ଭୁବନେଶ୍ୱରସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ମୁଁ ଆଡ୍‌ମିଶନ୍ ନେଲି। ସେତେବେଳେ ଗୁରୁ ଡ. ବନମାଳୀ ମହାରଣା ଥାଆନ୍ତି ମର୍ଦ୍ଦଳ ବିଭାଗର ମୁଖ୍ୟ। ସେ ଯେହେତୁ ପୂର୍ବରୁ ମୋତେ ଜାଣିଥିଲେ ଆଉ ମୋର ବାଦ୍ୟ ଶୈଳୀକୁ ଦେଖିଥିଲେ ତେଣୁ ମୋତେ କଲେଜ ହଷ୍ଟେଲ୍‌ରେ ନ ଛାଡ଼ି ତାଙ୍କ ଘରେ ଛାଡ଼ିବାକୁ ମୋ ନନାଙ୍କୁ ପରାମର୍ଶ ଦେଲେ। ଫଳରେ ୧୯୯୯ ମସିହାରୁ ମୁଁ ତାଙ୍କ ଘରେ ରହି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ପଢ଼ିବା ସହ ବ୍ୟକ୍ତିଗତ ଭାବେ ତାଙ୍କଠାରୁ ମର୍ଦ୍ଦଳ ଶିକ୍ଷା ନେଲି। ଏହିପରି ଭାବେ ୨୦୦୬ରେ ମୋର ମର୍ଦ୍ଦଳରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ ହେଲା। ଅବଶ୍ୟ ତାରି ଭିତରେ ମୁଁ ଗୁରୁ ଡ. ବନମାଳୀ ମହାରଣାଙ୍କ ମର୍ଦ୍ଦଳ ଏକାଡେମୀ ତରଫରୁ ଅନେକ ଷ୍ଟେଜ୍ ଶୋ'ରେ ମର୍ଦ୍ଦଳ ପରିବେଷଣ କରି କିଛି କିଛି ରୋଜଗାର କରିବା ଆରମ୍ଭ କରିଦେଇଥିଲି। ତା'ସହିତ ପି.ଜି ପଢ଼ିଲାବେଳେ ମୋତେ ସିନିୟର୍ ସ୍କଲାର୍‌ଶିପ୍ ବି ମିଳିଲା। ଯେଉଁ ଟଙ୍କାରେ ନିଜ ପାଇଁ ଏକ ମର୍ଦ୍ଦଳ କିଣିବା ସହ ଘରକୁ କିଛି ଟଙ୍କା ଦେଇଥିଲି। ତେବେ ୨୦୦୫ରେ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବରେ ପ୍ରଥମ ଥର ପାଇଁ ମୁଁ ମର୍ଦ୍ଦଳରେ ଏକକ ବାଦନ କରିବାର ସୁଯୋଗ ପାଇଥିଲି, ଯାହା ମୋତେ ଏକ ଭିନ୍ନ ପରିଚିତି ଦେଇଥିଲା। ତା'ପରେ ସ୍ନାତକୋତ୍ତର ପାସ୍ କରି ଚାକିରି କରିବାକୁ ଦିଲ୍ଲୀ ଚାଲିଗଲି। ସେଠାରେ ଏକ ବୋର୍ଡିଂ ସ୍କୁଲ୍‌ରେ ମର୍ଦ୍ଦଳ ବିଭାଗର ଶିକ୍ଷକ ଭାବେ ବର୍ଷେ ରହିବା ପରେ ସେ ଚାକିରି ଛାଡିଦେଲି। କାରଣ ସେଥିରେ ମୋର କିଛି କ୍ୟାରିୟର୍ ହୋଇ ନଥାନ୍ତା, ମୁଁ କେବଳ ଜଣେ ଶିକ୍ଷକ ହୋଇ ରହିଯାଇଥାନ୍ତି। ତେଣୁ ସେ ଚାକିରି ଛାଡି ମୁଁ ଓଡ଼ିଶୀ ନୃତ୍ୟରେ ମର୍ଦ୍ଦଳ ପରିବେଷଣ କରିବାକୁ ଲାଗିଲି ଏବଂ ତା'ସହିତ ମର୍ଦ୍ଦଳ ଏକାଡେମୀ ସହ ମଧ୍ୟ ଜଡ଼ିତ ରହିଲି। ଧୀରେ ଧୀରେ ମୋର ପରିଚିତି ବଢ଼ିଲା ଆଉ ମୋତେ ବହୁ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ସଙ୍ଗୀତଜ୍ଞଙ୍କ ସାଥିରେ ମର୍ଦ୍ଦଳ ବାଦନର ସୁଯୋଗ ମିଳିଲା ; ଯେଉଁ ଧାରା ଏବେ ବି ଜାରି ରହିଛି। ଯା'ଭିତରେ ମୁଁ ଓଡ଼ିଶାର ବିଭିନ୍ନ ସ୍ଥାନ ତଥା ଭାରତର ପ୍ରାୟ ସବୁ ରାଜ୍ୟରେ ମର୍ଦ୍ଦଳ ପରିବେଷଣ କରି ଦର୍ଶକଙ୍କର ବହୁ ପ୍ରଶଂସା ସାଉଁଟି ସାରିଲିଣି। ସେହିପରି ଆକାଶବାଣୀର ଜଣେ ବି-ହାଇଗ୍ରେଡ୍ କଳାକାର ଭାବେ ଅନେକ ନାଁ ମଧ୍ୟ କମାଇ ସାରିଲିଣି। ତା'ସହିତ ଭାରତ ସରକାରଙ୍କ ତରଫରୁ ମର୍ଦ୍ଦଳ କ୍ଷେତ୍ରରେ ୨୦୧୪ରୁ ୨୦୧୬ ପର୍ଯ୍ୟନ୍ତ ଜୁନିୟର୍ ଫେଲୋଶିପ୍ ମଧ୍ୟ ପାଇସାରିଲିଣି। *-ଅନ୍ୱିତା*

# ଆଖିରେ ଆଖିରେ ଇସାରା କରି, ରଙ୍ଗିଲା ମନକୁ କରିଛି ଚୋରି

**ପ୍ରଶ୍ନ**-ମୁଁ ଏବେ ଜଣେ ସୁନ୍ଦରୀ ପ୍ରେମରେ ପାଗଳ। ହେଲେ ସେ କେମିତି ମୋ ମନକୁ ଚୋରି କରିନେଲା ତାହା ଜାଣିପାରିଲି ନାହିଁ।

*-ସୁବାସ, ପାରାଦୀପ, ଜଗତସିଂହପୁର*

**ଉତ୍ତର:** ପ୍ରେମ କେତେବେଳେ କେମିତି ହୁଏ ତାହା ଆକଳନ କରିବା ଏତେ ସହଜ ନୁହେଁ। ମନରେ ମନ ଯଦି ମିଶିଗଲା ତେବେ ସେଇଠୁ ପ୍ରେମର ଆରମ୍ଭ ହୋଇଥାଏ। ଦେଖୁନାହାନ୍ତି, ଆପଣଙ୍କ ମନକୁ ଜଣେ ସୁନ୍ଦରୀ ଚୋରି କରି ନେଲାଣି, ହେଲେ ଆପଣ ଜାଣିପାରୁନାହାନ୍ତି। 'ଆଖିରେ ଆଖିରେ ଇସାରା କରି, ରଙ୍ଗିଲା ମନକୁ କରିଛି ଚୋରି।' ସେହି ତେରେଛା ନଜର ଆଉ ମୁରୁକି ହସ ପାଖରେ ଆପଣଙ୍କ ରଙ୍ଗିଲା ମନ କେତେବେଳେ ବନ୍ଧା ପଡିଯାଇଛି ତାହା ଆପଣ ଜାଣିପାରିନାହାନ୍ତି। ଯଦି ଦୁହିଁଙ୍କ ଭିତରେ ପ୍ରେମର ସୃଷ୍ଟି ହୋଇଛି ତେବେ ତାହା କିପରି ଆଗକୁ ବଢ଼ିବ ସେ ନେଇ ଯୋଜନା କରନ୍ତୁ।

**ପ୍ରଶ୍ନ**-ମୁଁ ବିବାହିତ। ହେଲେ ଏବେ ଜଣେ ତରୁଣୀ ପ୍ରେମରେ ପଡିଯାଇଛି। ବର୍ତ୍ତମାନ ମୁଁ କ'ଣ କରିବି ଜାଣିପାରୁନାହିଁ।

*-ଅମରେଶ କୁମାର, ବଲାଙ୍ଗୀର*

**ଉତ୍ତର:** କଥାରେ ଅଛି-ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ। ଆପଣ ବିବାହିତ। ଏକଥା ଜାଣି ମଧ୍ୟ କେଡେ ବଡ ଭୁଲ କରୁଛନ୍ତି ଜାଣିପାରୁଛନ୍ତି ତ ? ଯଦି ଏକଥା ବିଷୟରେ ଆପଣଙ୍କ ପତ୍ନୀ କିମ୍ବା ପରିବାର ସଦସ୍ୟ ଜାଣିପାରନ୍ତି ତେବେ ପରିସ୍ଥିତି କ'ଣ ହେବ ଥରେ ଅନୁମାନ କରନ୍ତୁ। ଯଦି ପ୍ରେମର ନିଶା ବେଶୀ ଗାଢ଼ ହୋଇନି ତେବେ କିଛି ଅଘଟଣ ଘଟିବା ପୂର୍ବରୁ ସୁଧୁରି ଯାଆନ୍ତୁ। ସେପରି ପ୍ରେମ ଆଉ ପ୍ରେମିକାକୁ ମନରୁ ସବୁଦିନ ପାଇଁ ପୋଛି ଦିଅନ୍ତୁ। ନ ହେଲେ ଆପଣଙ୍କ ବୈବାହିକ ଜୀବନ କେତେବେଳେ ଛିନଛତର ହୋଇଯିବ ତାହା ନିଜେ ଅନୁମାନ କରିପାରିବେ ନାହିଁ।

**ପ୍ରଶ୍ନ**-ପ୍ରେମରେ ପ୍ରଥମେ ଝିଅମାନେ ଲାଜ କରନ୍ତି କାହିଁକି ?

*-ଆଦିତ୍ୟ ସାହୁ, ବାରିପଦା*

**ଉତ୍ତର:** ପ୍ରେମର ପ୍ରଥମ ପାହଚରେ ଝିଅମାନେ ଲାଜ କରନ୍ତି। କାରଣ ସେହି ଲାଜ ଭିତରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ତା' ସହ କେତେକ ସେହି ଲାଜୁଆ ହସ ମାଧ୍ୟମରେ ନିଜ ମନର କଥାକୁ ପ୍ରକାଶ କରିଥାଆନ୍ତି। ଯଦି ତାଙ୍କର ଲାଜକୁ ଭଲ ଭାବରେ ଷ୍ଟଡି କରିପାରିଲେ ତେବେ ଦୁହିଁଙ୍କ ଭିତରେ ଥିବା ପ୍ରେମର ଗଭୀରତା କେତେ ତାହା ମାପିପାରିବେ। ହେଲେ ସେହି ଲାଜୁଆ ହସରେ ମତୁଆଲା ହୋଇ ଯେମିତି ପ୍ରେମ ରାସ୍ତାରେ ବାଟ ହୁଡି ନ ଯାଆନ୍ତି ସେ ନେଇ ନଜର ଦେବେ। ନ ହେଲେ ଆପଣଙ୍କ ପ୍ରେମର ମିନାର କେତେବେଳେ ଭୁଷୁଡି ପଡିବ ତାହା ଜାଣିପାରିବେ ନାହିଁ।

**ପ୍ରଶ୍ନ**-ମୁଁ ଜଣେ ଝିଅକୁ ପ୍ରେମ କରୁଛି, ହେଲେ ମୋତେ ଭାରି ଏକୁଟିଆ ଫିଲ୍ ହେଉଛି। ମୋତେ ଏମିତି ଲାଗୁଛି କାହିଁକି ?

*-ପି. କୁମାର, କଟକ*

**ଉତ୍ତର:** ଆପଣ ଯେଉଁ ଝିଅକୁ ପ୍ରେମ କରୁଛନ୍ତି ସେ ଆପଣଙ୍କୁ ମନ ପ୍ରାଣ ଦେଇ ଭଲ ପାଉଛି ତ ? ଯଦି ଦୁଇ ପଟରୁ ସିଗନାଲ ଠିକ୍ ଅଛି ତେବେ ଆଦୌ ଏକୁଟିଆ ଲାଗିବା କଥା ନୁହେଁ। ହୁଏତ ଆପଣଙ୍କ ପ୍ରେମ ଭିତରେ କେଉଁଠି ଟିକେ ଭୁଲ ଭଟକା ରହିଯାଇଛି। ଦୁହିଁଙ୍କ ଭିତରେ ଥିବା ଏହି ସମ୍ପର୍କକୁ ଭଲ ଭାବରେ ତର୍ଜମା କରନ୍ତୁ। ଆଉ ଗୋଟିଏ କଥା ଆପଣ ଯଦି ଏକତରଫା ପ୍ରେମ କରୁଛନ୍ତି ତେବେ ସେପରି ମାନସିକତାର ପରିବର୍ତ୍ତନ କରନ୍ତୁ। କାରଣ ସେଭଳି ପ୍ରେମରୁ କେବଳ ସାମୟିକ ଆନନ୍ଦ ମିଳିଥାଏ।








# ଭଙ୍ଗିମୁଣ୍ଡାର ଘଣ୍ଟୁଆ ସେବକ







ହିନ୍ଦୁଧର୍ମର ବିଭିନ୍ନ ପୂଜା ରୀତିନୀତି ଉପଚାର ବେଳେ ଧୂପଦୀପ ଓ ନୈବେଦ୍ୟ ଭଳି ଘଣ୍ଟ ବାଦନ ଏକ ବିଧିବିଧାନ। ବିଶ୍ୱାସ ରହିଛି –ଘଣ୍ଟଧ୍ୱନି ଦୈତ୍ୟ ପ୍ରକୋପ ଓ ଦୁଷ୍ଟଶକ୍ତିକୁ ନଷ୍ଟ କରିଥାଏ। ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣି କାର୍ଯ୍ୟ ତୁଲାଇବା ପାଇଁ ଆବଶ୍ୟକ ସେବାୟତ ଓ ଭକ୍ତମାନଙ୍କ ଦ୍ୱାରା ପାରମ୍ପରିକ ରୀତିନୀତିରେ ମହାପ୍ରଭୁଙ୍କ କାର୍ଯ୍ୟକୁ ନିଷ୍ଠା ଓ ଭକ୍ତି ପରମ୍ପରାର ସହିତ ଶୃଙ୍ଖଳିତ ଭାବେ ସମ୍ପନ୍ନ କରାଯାଇଥାଏ । ମାତ୍ର ଶ୍ରୀକ୍ଷେତ୍ରର ବିଭିନ୍ନ ସେବା ମଧ୍ୟରେ ଘଣ୍ଟୁଆ ସେବା ଏକ ଅନନ୍ୟ ପରମ୍ପରା। ଘଣ୍ଟୁଆ ସେବାୟତ ଦୁଇ ଶ୍ରେଣୀର–ଭିତର ଘଣ୍ଟୁଆ ସେବାୟତ ଓ ବାହାର ଘଣ୍ଟୁଆ ସେବାୟତ । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଓ ମାଦଳାପାଞ୍ଜିରେ ଏହି ସେବା ଓ ସେବାୟତଙ୍କ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଉଲ୍ଲେଖ ରହିଛି। ବିଶେଷକରି ବାହାର ଘଣ୍ଟୁଆ ସେବାୟତଙ୍କ ମଧ୍ୟରେ ଭଙ୍ଗିମୁଣ୍ଡାର କଂସାରି କୁଳ ସମ୍ପୃକ୍ତ। ତେବେ କଟକଠାରୁ ପ୍ରାୟ ୨୦ କିମି ଦୂର ବିରୂପା ନଦୀକୂଳରେ ଅବସ୍ଥିତ ଭଙ୍ଗିମୁଣ୍ଡା ଗାଁ । କଟକ ଜିଲା ଟାଙ୍ଗୀ–ଚୌଦ୍ୱାର ଅଧୀନ ଭଙ୍ଗିମୁଣ୍ଡା ଗ୍ରାମପଞ୍ଚାୟତ। ଭଙ୍ଗିମୁଣ୍ଡା କଂସାରି ଘଣ୍ଟସେବା ନିଯୋଗ କାର୍ଯ୍ୟକାରୀ ସଭାପତି ତାପସ ସାହୁ କୁହନ୍ତି– 'ମହାପ୍ରଭୁଙ୍କ ବାହାର ଘଣ୍ଟୁଆ ସେବକ ଭାବେ ଆମ ପୂର୍ବପୁରୁଷମାନେ ରଜାରାଜୁଡ଼ା କାଳରୁ ଘଣ୍ଟସେବା କରିଆସୁଛନ୍ତି। ଭଙ୍ଗିମୁଣ୍ଡା ଗ୍ରାମପଞ୍ଚାୟତର ପ୍ରାୟ ୧୩ଟି ସାହି ଯାହାକି ୧୭ଟି ୱାର୍ଡ଼ । ଏଠାର ଅଧିକାଂଶ ବାସିନ୍ଦା କଂସାପିତ୍ତଳ କାରିଗର। ପୂର୍ବେ ଭଙ୍ଗିମୁଣ୍ଡା ଗାଁରୁ ଡଙ୍ଗାରେ ନଦୀ ପାରହୋଇ କଟକ ଆସି ପରେ ପୁରୀକୁ ବହୁସଂଖ୍ୟକ ଘଣ୍ଟୁଆସେବକ ଆସୁଥିଲେ। ଏଥିପାଇଁ ଆମେ ନିଜକୁ ଧନ୍ୟ ମନେ କରିଥାଉ।' ପ୍ରତିବର୍ଷ ମହାପ୍ରଭୁଙ୍କ ସେବାରେ ସ୍ନାନପୂର୍ଣ୍ଣିମାଠାରୁ ରଥଯାତ୍ରା,ବାହୁଡ଼ା ଓ ନୀଳାଦ୍ରିବିଜେ ଯାଏ ବାହାର ଘଣ୍ଟୁଆ ସେବକମାନେ ନିୟୋଜିତ ଥାଆନ୍ତି। ନନ୍ଦିଘୋଷ ରଥ ପାଇଁ ୧୬ଜଣ, ତାଳଧ୍ୱଜ ରଥରେ ୧୪ଜଣ ଓ ଦେବଦଳନ ରଥରେ ୧୨ଜଣ ବାହାର ଘଣ୍ଟୁଆ ସେବକ ନିୟୋଜିତ । ଏମିତିରେ ୪୨ଜଣଙ୍କ ନାଁ ରହିଥିଲାବେଳେ ଏମାନଙ୍କ ମଧ୍ୟରେ ଜଣେ ଶାଢ଼ିବନ୍ଧା ସେବକ ରହିଥାନ୍ତି। ଚଳିତବର୍ଷ ଶ୍ରୀମନ୍ଦିର ପ୍ରଶାସକଙ୍କଠାରୁ ଅନୁମତି ପାଇଁ ସରକାରଙ୍କ କରୋନା କଟକଣା ନିୟମକୁ ଦୃଷ୍ଟିରେ ରଖି ପ୍ରାୟ ୨୫ଜଣ ବାହାର ଘଣ୍ଟୁଆ ସେବାୟତ ଯୋଗ ଦେଇଛନ୍ତି। ଆଉ କେତେ ଜଣ ରଥ ଟାଣିବା ପାଇଁ ରହିଥାନ୍ତି। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପୁରୀରେ ଏହି ସେବାୟତଙ୍କ ରହଣି ପାଇଁ ନୀଳାଦ୍ରି ଭକ୍ତନିବାସ ଓ ଶ୍ରୀଗୁଣ୍ଡିଚା ଭକ୍ତନିବାସ ଆଦିରେ ସୁବ୍ୟବସ୍ଥା କରାଯାଇଛି। ସେବକମାନଙ୍କ ଘଣ୍ଟସେବା ନିମନ୍ତେ ମହାପ୍ରଭୁଙ୍କ ମହାପ୍ରସାଦ ଚଢ଼େଇନଦା ଭୋଗ ପ୍ରଦାନ କରାଯାଇଥାଏ। ମହାପ୍ରଭୁଙ୍କ ପହଣ୍ଡି ବିଜେରେ ବିଜୟ କାହାଳୀ ବାଜିଲା ପରେ ସ୍ୱତନ୍ତ୍ର ତାଳରେ ଘଣ୍ଟୁଆ ସେବକମାନେ ଘଣ୍ଟ ବଜାଇଥାନ୍ତି। ଏହି ପରମ୍ପରାକୁ ନେଇ ଭଙ୍ଗିମୁଣ୍ଡା ଗାଁରେ ପ୍ରତି ୧/୨ମାସ ମଧ୍ୟରେ ଗାଁର ପୁରୁଖା ଘଣ୍ଟୁଆ ସେବକଙ୍କ ଦ୍ୱାରା ଆଗାମୀ ପିଢ଼ିଙ୍କୁ ଘଣ୍ଟବଜାଇବାର କୌଶଳ ଓ ତାଳ ଆଦି ପ୍ରଶିକ୍ଷଣ ଦିଆଯାଇଥାଏ। ମାତ୍ର କିଛିବର୍ଷ ହେବ ୧୮ରୁ ୬୦ବର୍ଷର ବୟସ୍କଙ୍କ ମଧ୍ୟରେ କଂସାରି କୁଳର ଘଣ୍ଟୁଆଙ୍କୁ ଏହି ତାଲିମ ଦିଆଯାଇଆସୁଛି। ଏହି ସେବକ ମାନଙ୍କ ଚଳଣିରେ ବହୁ ଅଭାବ ଅସୁବିଧା ରହିଛି । ସୁବ୍ୟବସ୍ଥା ପାଇଁ ସରକାରାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଅନ୍ୟପକ୍ଷେ ଏହି ଗାଁର କଂସାରି ଘଣ୍ଟସେବା ନିଯୋଗ ସମ୍ପାଦକ ଶରତ ଚନ୍ଦ୍ର ସାହୁ କୁହନ୍ତି, 'ଗଜପତି ମୁକୁନ୍ଦଦେବଙ୍କ ରାଜାରାଜୁଡ଼ା ସମୟରୁ ମହାପ୍ରଭୁଙ୍କ ବାହାର ଘଣ୍ଟୁଆସେବା ଚାଲିଛି। ବହୁ ବର୍ଷ ତଳେ ଭଙ୍ଗିମୁଣ୍ଡା ଗାଁର ନାରାୟଣ ସାହୁ ନାମକ ଜଣେ କଂସାରି ପୁରୀରେ ଏକ ଦୋକାନ ଦେଇ ବିଭିନ୍ନ କଂସାବାସନ ସାମଗ୍ରୀ ବିକ୍ରି କରିବା ସହିତ ମରାମତି ବି କରୁଥିଲେ। ସେତେବେଳେ ଗଜପତିଙ୍କ ଜଣେ ଗୁମାସ୍ତା ମଦନା ଖଣ୍ଡି ଏହି ଦୋକାନକୁ ଯାଇ ନାରାୟଣଙ୍କୁ ରଜାଙ୍କ ଘରର କେତେକ ପୁରୁଣା କଂସାପିତ୍ତଳ ସାମଗ୍ରୀ ମରାମତି ପାଇଁ ଦେଇଥିଲେ । ସମୟକ୍ରମେ ନାରାୟଣ ତାହାକୁ ନୂତନଭାବେ ମରାମତି କରିଦେଇଥିଲେ। ପରେ ଏହି କାରିଗର ପାରିଶ୍ରମିକ ଭାବେ କ'ଣ ଚାହୁଁଛନ୍ତି ବୋଲି ଗଜପତି ପଚାରିଥିବାରୁ କଂସାରି ଗଜପତିଙ୍କୁ ବିନୀତ ହୋଇ ଜଣାଇଥିଲେ ଯେ, ମଣିମା ମୋର କିଛି ପାରିଶ୍ରମିକ ଆବଶ୍ୟକ ନାହିଁ । ଯଦି ମହାପ୍ରଭୁଙ୍କ ସେବାରେ ଘଣ୍ଟ ବଜାଇବାର ସୁଯୋଗ ମିଳିବ ତେବେ ଖୁସିହେବି । ସେବେଠାରୁ ଗଜପତିଙ୍କ ଅନୁମତି ମିଳିଛି।' ଅନ୍ୟପକ୍ଷରେ ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଏହି ବାହାର ଘଣ୍ଟ ସେବା ଉଲ୍ଲେଖ ରହିଛି। ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମାଠାରୁ ଶ୍ରୀଗୁଣ୍ଡିଚା ଓ ବାହୁଡ଼ା–ନୀଳାଦ୍ରି ବିଜେ ଯାଏ ୬ଟି ବିଜେ ସେବାରେ ବାହାର ଘଣ୍ଟୁଆ ସେବାୟତଙ୍କ ଦ୍ୱାରା ଘଣ୍ଟସେବା କରାଯାଇଥାଏ। ୧୨ଘର ଓଗେର ଉଲ୍ଲେଖ ରହିଛି। ପ୍ରତିବର୍ଷ ଭଙ୍ଗିମୁଣ୍ଡା ଗାଁରୁ ଘଣ୍ଟୁଆ ସେବକମାନେ ମହାପ୍ରଭୁଙ୍କ ସେବାଲାଗି ନୂତନ ତିଆରି ଘଣ୍ଟ ନେଇ ବଜାଇଥାନ୍ତି। ସ୍ନାନପୂର୍ଣ୍ଣିମା ପୂର୍ବରୁ ନୀଳାଦ୍ରିବିଜେ ସରିଲାଯାଏ ଏହି ସେବକ ଓ ପରିବାରର କେହି ଆମିଷ ଭକ୍ଷଣ କରନ୍ତିନାହିଁ। ନିଶ ଦାଢ଼ି କାଟନ୍ତି ନାହିଁ। ସମୟକ୍ରମେ ତିନିରଥର ଚକାସଂଖ୍ୟା ଅନୁସାରେ ବାହାର ଘଣ୍ଟୁଆ ସେବକ ନିୟୋଜିତ ହୋଇ ମହାପ୍ରଭୁଙ୍କ ରଥରେ ବାମପାର୍ଶ୍ୱରେ ଘଣ୍ଟ ବଜାଇଥାନ୍ତି। ଘଣ୍ଟର ତାଳ ଭାବେ ଯଥା ଆଡ଼ଝୁମ୍ପା, ଚୌପଦୀ, ଝୁମ୍ପା, ଦାଦର ଆଦି ପ୍ରାୟ ୮/୧୦ପ୍ରକାରର ତାଳରେ ଘଣ୍ଟ ବଜାଇଥାନ୍ତି। ଭଙ୍ଗିମୁଣ୍ଡାର ୧୩ଟି ସାହିରେ ବହୁ ସଂଖ୍ୟକ କଂସାରି ଘଣ୍ଟୁଆ ସେବକ ରହିଥିବାବେଳେ ଏହି ନିଯୋଗର ୨୬ଜଣ ସଦସ୍ୟଙ୍କ ଆଲୋଚନା ଓ ପ୍ରଶାସନିକଙ୍କ ନିୟମ ଅନୁସାରେ ପ୍ରତି ସାହିରୁ ୨ଜଣ ଲେଖାଏଁ ମହାପ୍ରଭୁଙ୍କ ବାହାର ଘଣ୍ଟ ସେବାରେ ଯୋଗଦେବା ନିମନ୍ତେ ନିଷ୍ପତ୍ତି ନିଆଯାଇଥାଏ। ରଥଯାତ୍ରାରେ ଶ୍ରୀଜୀଉଙ୍କ ପହଣ୍ଡିବିଜେ ବେଳେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଟାହିଆ ହଲାଇ ନେବାର ଶୋଭା ସହିତ ଶତାଧିକ ଘଣ୍ଟୁଆଙ୍କ ମିଳିତ ଘଣ୍ଟଧ୍ୱନିର ତାଳ ଓ ଲୟ ଭକ୍ତମାନଙ୍କ ମନଙ୍କୁ ଉଲ୍ଲସିତ କରିଥାଏ। ଶ୍ରଜୀଉମାନଙ୍କ ସେବା ନିମନ୍ତେ ଭଙ୍ଗିମୁଣ୍ଡାର ଘଣ୍ଟୁଆ ସେବକମାନେ ନିଜକୁ ଧନ୍ୟ ମନେକରିଥାନ୍ତି।

**ଉପସ୍ଥାପନା–ବନବିହାରୀ ବେହେରା,**
**ଫଟୋ–ରତିକାନ୍ତ ପଟ୍ଟନାୟକ**






**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ନିଶ


କଣ୍ଡକ୍ଟର- ଟିକେଟ କରିନିଅ।
ମଣ୍ଟୁ- ଗୋଟେ ଫୁଲ୍ ଓ ଗୋଟେ ଅଧା ଟିକେଟ୍ କରିବ।
କଣ୍ଡକ୍ଟର- ତୋର ତ ନିଶ ଉଠିଲାଣି। ତୋର ଫୁଲ ଟିକେଟ୍ ହେବ।
ମଣ୍ଟୁ- ହଉ ଠିକ୍ ଅଛି। ମୋ ମା'ର ତ ନିଶ ଉଠିନି। ତା'ର ହାଫ୍ ଟିକେଟ୍ କର।

## ଲଢ଼ିପିବି


ସ୍ୱାମୀ ସ୍ତ୍ରୀକୁ- ଡାର୍ଲିଂ, ମୁଁ ତୁମକୁ ବହୁତ ଭଲପାଏ।
ସ୍ତ୍ରୀ- ତମେ କ'ଣ ଭାବୁଛ ମୁଁ ତୁମକୁ ଭଲପାଏନି। ମୁଁ ତ ତୁମ ପାଇଁ ସାରା ଦୁନିଆ ସହ ଲଢ଼ିପାରିବି।
ସ୍ୱାମୀ- ହେଲେ ତମେ ତ କେବଳ ମୋ ସହ ଲଢୁଛ।
ସ୍ତ୍ରୀ- କାରଣ ତୁମେ ହିଁ ତ ମୋ ଦୁନିଆ।

## ଛୋଟ

ସ୍ୱାମୀ ସେଲୁନ୍‌ରୁ ଚୁଟି କାଟି ଆସିବା ପରେ ସ୍ତ୍ରୀକୁ- ଦେଖିଲ, ଚୁଟି କାଟିବା ପରେ ମୁଁ ତୁମଠୁ ୧୦ ବର୍ଷ ଛୋଟ ଲାଗୁନି?
ସ୍ତ୍ରୀ- ଗୋଟେ କାମ କଲନି, ପୂରା ଲଣ୍ଡା ହେଇକି ପଳେଇ ଆସିଲନି। ସାଙ୍ଗେ ସାଙ୍ଗେ ଜନ୍ମ ହେଇଥିବା କଅଁଳ ଛୁଆ ପରି ଲାଗିଥାନ୍ତ।







# ପବିତ୍ରତମ ସ୍ଥାନ

# ବରନ

**ରାଜସ୍ଥାନର ବରନ ଜିଲା ଅନ୍ତର୍ଗତ ଏକ ପବିତ୍ରତମ ସ୍ଥାନ ହେଉଛି ବରନ। କାରଣ ଏଠାରେ ରହିଛି ଅନେକ ଧାର୍ମିକ ସ୍ଥଳୀ ତଥା ଦେବୀ ମାତାଙ୍କ ମନ୍ଦିର। ତା'ଛଡ଼ା ପାହାଡ଼, ପର୍ବତ, ନଦୀ ଓ ଝରଣା ପରିବେଷ୍ଟିତ ବରନର ପ୍ରାକୃତିକ ସୌନ୍ଦର୍ଯ୍ୟ ବି ବେଶ୍ ମନୋହର ହୋଇଥାଏ। ସେଥିପାଇଁ ବର୍ଷର ଅଧିକାଂଶ ସମୟ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ...**

ବରନ ହେଉଛି ରାଜସ୍ଥାନର ବରନ ଜିଲା ଅନ୍ତର୍ଗତ ଏକ ପବିତ୍ରତମ ପର୍ଯ୍ୟଟନସ୍ଥଳୀ। ଏକାଦଶ ଖ୍ରୀଷ୍ଟାବ୍ଦରେ ନିର୍ମିତ ପବିତ୍ର ଭାଣ୍ଡ ଦେବ୍ରା ମନ୍ଦିର ଏବଂ ସୀତାବରୀ ପାଇଁ ଏହା ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ତା'ଛଡ଼ା ପାର୍ବନ, ପାର୍ବତୀ ଓ କାଳୀସିନ୍ଧ ନାମରେ ତିନୋଟି ନଦୀ ଏହି ସ୍ଥାନ ଦେଇ ବହି ଯାଇଥିବାରୁ ଏଠାକାର ଆକର୍ଷଣ ଦେଖିବାଯୋଗ୍ୟ ହୋଇଥାଏ। ସେହିପରି ଅନେକ ପାହାଡ଼, ପର୍ବତ ଓ ଝରଣା ବି ଏଠାରେ ଦେଖିବାକୁ ମିଳିଥାଏ। ତେଣୁ ଜନଗହଳିଠାରୁ ଦୂରରେ ଥିବା ଏହି ସ୍ଥାନରେ ଟିକେ ଶାନ୍ତି ପାଇବା ଆଶାରେ ତଥା ଏଠାକାର ଅପୂର୍ବ ପ୍ରାକୃତିକ ଶୋଭାକୁ ଉପଭୋଗ କରିବାର ଲକ୍ଷ୍ୟ ନେଇ ବିଭିନ୍ନ ସ୍ଥାନରୁ ବହୁ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି।

### ରାମାୟଣ ସହ ବରନର ସମ୍ପର୍କ

ବରନରେ ଏମିତି ଅନେକ ତୀର୍ଥଭୂମି ରହିଛି, ଯାହା ଦେଶବିଦେଶର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ, ଯେମିତି କି ସୀତାବରୀ। ଏହି ସ୍ଥାନଟି ନିଜର ଧାର୍ମିକ ତଥା ଐତିହାସିକ କାରଣ ପାଇଁ ଶ୍ରେଷ୍ଠ ହୋଇପାରିଛି। ହିନ୍ଦୁ ପୌରାଣିକ କଥା ଅନୁଯାୟୀ, ଭଗବାନ ରାମଙ୍କର ଧର୍ମପତ୍ନୀ ମାତା ସୀତା କୁଆଡ଼େ ଅଯୋଧ୍ୟା ଛାଡ଼ିବା ପରେ ଏହି ସ୍ଥାନରେ ନିଜର ଦୁଇ ପୁତ୍ର ଲବ ଓ କୁଶଙ୍କୁ ଜନ୍ମ ଦେଇଥିଲେ ଆଉ ଏହିଠାରେ ରହୁଥିଲେ। ସେଥିପାଇଁ ଏଠାରେ ମାତା ସୀତାଙ୍କୁ ସମର୍ପିତ ଏକ ମନ୍ଦିର ଦେଖିବାକୁ ମିଳିଥାଏ। ତା'ଛଡ଼ା ଏହି ସୀତାବରୀର ନିକଟତମ ଅଞ୍ଚଳରେ ଅନେକ ପାଣି କୁଣ୍ଡ ମଧ୍ୟ ଥିବାର ଦେଖାଯାଇଥାଏ। ପ୍ରତି ବର୍ଷ ଏଠାରେ ସୀତାବରୀ ମେଳାର ଆୟୋଜନ ମଧ୍ୟ କରାଯାଇଥାଏ ; ଯାହା ହେଉଛି ଏଠାକାର ଅନ୍ୟତମ ଆକର୍ଷଣ।

### ବରନରେ ଥିବା କିଛି ପ୍ରସିଦ୍ଧ ମନ୍ଦିର

ଭାଣ୍ଡ ଦେବରା ମନ୍ଦିର, ବ୍ରାହ୍ମଣୀ ମାତାଜୀ ମନ୍ଦିର ଓ ମନିହାର ମହାଦେବ ମନ୍ଦିର ବି ହେଉଛି ବରନର ଅନ୍ୟ କେତେକ ପ୍ରମୁଖ ଧାର୍ମିକ ସ୍ଥଳୀ। ତେବେ ବରନରୁ ପ୍ରାୟ ୪୦ କି.ମି. ଦୂରରେ ଥିବା ରାମଗଡ଼ ପାହାଡ଼ ଉପରେ ନିର୍ମିତ ଭାଣ୍ଡ ଦେବରା ମନ୍ଦିରର ଅପୂର୍ବ କାରୁକାର୍ଯ୍ୟକୁ ଦେଖିଲେ ଲାଗେ ସତେ ଯେମିତି ଏହା ହେଉଛି ରାଜସ୍ଥାନର ଖଜୁରାହୋ। କୁହାଯାଏ, ଭଗବାନ ଶିବଙ୍କୁ ସମର୍ପିତ ଏହି ମନ୍ଦିରର ନିର୍ମାଣ କୁଆଡ଼େ ଏକାଦଶ ଶତାବ୍ଦୀରେ ହୋଇଥିଲା।

### ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀ

ଏସବୁ ବ୍ୟତୀତ ପର୍ଯ୍ୟଟକ ବରନର ନିକଟବର୍ତ୍ତୀ ଅଞ୍ଚଳରେ ଶେରଗଡ଼ ଦୁର୍ଗ, ଗୁଗୋର୍ ଦୁର୍ଗ, କପିଲ୍‌ଧାରା ଜଳପ୍ରପାତ, କାକୋନୀ, ବିଲାସଗର ତଥା ଶାହବାଦ ଦୁର୍ଗ ଭଳି ଅନେକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ ମଧ୍ୟ ବୁଲି ଦେଖିପାରିବେ।

### କେବେ ଯିବେ

ବରନରେ ମାର୍ଚ୍ଚରୁ ଜୁନ୍ ପର୍ଯ୍ୟନ୍ତ ଗ୍ରୀଷ୍ମଋତୁ, ଜୁନ୍‌ରୁ ଅକ୍ଟୋବର ବର୍ଷା ତଥା ନଭେମ୍ବରରୁ ଫେବୃୟାରୀ ଶୀତଋତୁ ଅନୁଭୂତ ହୋଇଥାଏ। ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡ଼ି ବରନକୁ ଅନ୍ୟ ଯେ କୌଣସି ସମୟରେ ବୁଲିଗଲେ ବୁଲିବାର ଭରପୂର ମଜା ନେଇହୁଏ। ତା'ଛଡ଼ା କୁହାଯାଏ, ବରନରେ ଦୋଳ ମେଳା ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ, ଆଉ ଏହି ସମୟରେ ଏଠାରେ କୁଆଡ଼େ ପ୍ରବଳ ଭିଡ଼ ଜମେ। ପର୍ଯ୍ୟଟକ ଚାହିଁଲେ ଏହି ମେଳା ଚାଲିଥିବା ସମୟରେ ମଧ୍ୟ ଏଠାକୁ ଯାଇ କିଛିଟା ନିଆରା ଅନୁଭୂତି ପାଇପାରିବେ।

### କେମିତି ଯିବେ

ବରନକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ରାଜସ୍ଥାନର ରାଜଧାନୀ ଜୟପୁରଠାରୁ ଏହା ପ୍ରାୟ ୩୩୯ କି.ମି. ଦୂରରେ ଅବସ୍ଥିତ। ତେଣୁ ବରନର ନିକଟତମ ତଥା ମୁଖ୍ୟ ବିମାନବନ୍ଦର ହେଉଛି ଜୟପୁର ଇଣ୍ଟରନାଶନାଲ୍ ଏୟାରପୋର୍ଟ। ତା'ଛଡ଼ା ଉଦୟପୁର ଏୟାରପୋର୍ଟ ଏବଂ ଯୋଧପୁର ଏୟାରପୋର୍ଟ ବି ବରନର ଅନ୍ୟତମ ଦୁଇ ନିକଟତମ ବିମାନବନ୍ଦର। ସେହିପରି କାଟା ଜଙ୍କସନ୍ ହେଉଛି ବରନର ନିକଟତମ ତଥା ମୁଖ୍ୟ ରେଳଷ୍ଟେଶନ। ଏହାଛଡ଼ା ପର୍ଯ୍ୟଟକ ଚାହିଁଲେ ସଡ଼କପଥରେ ମଧ୍ୟ ବରନକୁ ସୁବିଧାରେ ଯାଇପାରିବେ।


### ବରନର ଲୋକପ୍ରିୟ ଖାଦ୍ୟପେୟ

ବରନର ଡାଲ୍ ବାଟି ଚୁର୍‌ମା, ଚପାତି, ରାବିଡ଼ି, ସମୋସା ବେଶ୍ ଲୋକପ୍ରିୟ। ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକ ଏହି ସବୁ ଖାଦ୍ୟପେୟର ଭରପୂର ମଜା ନେଇଥାନ୍ତି।



# ଯାକୁ ହିଁ କହନ୍ତି ହର୍ଷପାୱାର୍

ଇଞ୍ଜିନ ହେଉଛି ଗାଡିର ମୁଖ୍ୟ ଅଂଶ। ଏହା ଯେତେ ପାୱାରଫୁଲ, ଗାଡ଼ି ସେତେ ଭଲ ଚାଲେ ଓ ତା'ର ଚାହିଦା ସେତେ ଅଧିକ ରହେ। ଇଞ୍ଜିନର ପାୱାରକୁ ସାଧାରଣତଃ ହର୍ଷପାୱାରରେ ମପାଯାଇଥାଏ। ତେଣୁ ଗାଡ଼ି କିଣିବାବେଳେ ଗ୍ରାହକ ସବୁବେଳେ ଇଞ୍ଜିନ କେତେ ହର୍ଷପାୱାରର ବୁଝିଥାଏ। ତେବେ 'ନେଚର୍‌ମୋବିଲ' ନାମକ ଏକ ଗାଡ଼ିକୁ ଦେଖିଲେ ଲାଗେ ସତରେ ତାହା ଏକ ପ୍ରକୃତ ହର୍ଷ ପାୱାର ଗାଡ଼ି। କାରଣ ଗାଡ଼ି ପଛଭାଗର ଟ୍ରାନ୍ସପରେଣ୍ଟ ଅଂଶକୁ ଦେଖିଲେ ତା' ମଧ୍ୟରେ ଏକ ଘୋଡ଼ା ଠିଆ ହୋଇଥିବା ଦେଖିପାରିବେ। ଆଉ ଘୋଡ଼ାଟି ଏଥିରେ ଥିବା ଏକପ୍ରକାର ଟ୍ରେଡମିଲ୍ ଉପରେ ଠିଆ ହୋଇଥାଏ। ଘୋଡ଼ାଟି ଦୌଡ଼ିବା ସହ ଗାଡ଼ିଟି ଗତିଶୀଳ ହୁଏ। ଆଗରେ ବସିଥିବା ଚାଳକ ଗାଡ଼ିର ଷ୍ଟିୟରିଂ ସମ୍ଭାଳନ୍ତି। ଘୋଡ଼ା ଯେତେ ବେଗରେ ଦୌଡ଼େ ଗାଡ଼ିର ବେଗ ସେତେ ବଢ଼ିଥାଏ। ଲମ୍ବା ସିଧା ରାସ୍ତାରେ ତ ଗାଡ଼ି ୭୦-୮୦ କି.ମି. ବେଗରେ ଗତି କରେ। ଏଥିରେ ଏକ ସେନ୍ସର ଲାଗିଥାଏ, ଯାହା କି ଘୋଡ଼ା ଶରୀରର ତାପମାତ୍ରା ବଢ଼ିଲେ ଅବା ଘୋଡ଼ା କ୍ଲାନ୍ତ ହୋଇଗଲେ ଜଣାଇଦିଏ। ଏହାପରେ ଘୋଡ଼ାକୁ ବିଶ୍ରାମ ଦେଇ ଗାଡ଼ିରେ ଲାଗିଥିବା ଡିସି ମୋଟରକୁ ଚାଲୁ କରାଯାଏ। ଆଉ ଗାଡ଼ି ଏକ ନିର୍ଦ୍ଦିଷ୍ଟ ଗତିରେ ଚାଲିବାକୁ ଆରମ୍ଭ କରେ। ଗାଡ଼ି ଭିତରେ ଘୋଡ଼ାର ଖାଇବା ବ୍ୟବସ୍ଥା ସହ ମଳତ୍ୟାଗ କଲେ ତାକୁ ଡିସପୋଜ୍ କରିବା ବ୍ୟବସ୍ଥା ବି କରାଯାଇଛି। ତେଣୁ ଘୋଡ଼ାର କୌଣସି ସମସ୍ୟା ଗାଡ଼ିରେ ହୋଇ ନ ଥାଏ। ଆଉ ଗାଡ଼ିଟି ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ।










## କାର୍ଟୁନ କର୍ନର











# ଅପରାଧୀ ପାଇଁ ଜେଲ୍











**ମଣିଷ ଅପରାଧ କଲେ ହାଜତ ଯାଆନ୍ତି । ଦୋଷ ପାଇଁ ଦଣ୍ଡ ପାଆନ୍ତି । ତେବେ କଥା କହିପାରୁ ନ ଥିବା, ଭାବ ପ୍ରକାଶ କରିପାରୁ ନ ଥିବା ପ୍ରାଣୀ କ'ଣ କେବେ ଅପରାଧ କରନ୍ତି ? ଜାଣି ଆଶ୍ଚର୍ଯ୍ୟ ହେବେ କିଛି ନିରୀହ ପ୍ରାଣୀ ଆଇନ ଆଖିରେ ଅପରାଧୀ ସାଜିଛନ୍ତି ଓ ହାଜତ ବି ଯାଇଛନ୍ତି ....**

**ଗୁପ୍ତଚର ପାରା–** ୨୦୧୫ରେ ଭାରତୀୟ ପୋଲିସ ଏକ ପାରାକୁ ଗୁପ୍ତଚର ଭାବେ ସନ୍ଦେହ କରି ଗିରଫ କରିଥିଲା । ସନ୍ଦେହର ପ୍ରଥମ କାରଣ ଥିଲା ପାରା ଶରୀରରେ ଷ୍ଟାମ୍ପ ମାରି କିଛି ଲେଖା ଯାଇଥିଲା । ଭଲରେ ଦେଖିବାରୁ ଜଣାପଡ଼ିଲା ତାହା ପାକିସ୍ତାନର ଅଫିସିଆଲ ଭାଷା ଉର୍ଦ୍ଦୁରେ ଲେଖା ହୋଇଥିଲା ଓ ତାହା କୌଣସି ପାକିସ୍ତାନୀଙ୍କ ଫୋନ୍ ନମ୍ବର ପରି ପ୍ରତ୍ୟେୟ ହେଉଥିଲା । ଦ୍ୱିତୀୟରେ ପାରାଟି କଶ୍ମୀରର ସେହି ପ୍ରାନ୍ତରେ ଦେଖିବାକୁ ମିଳିଥିଲା ଯେଉଁ ଅଞ୍ଚଳକୁ ଉଭୟ ଭାରତ ଓ ପାକିସ୍ତାନ ନିଜର ବୋଲି ଦାବିକରି ଯୁଦ୍ଧ କରିଆସୁଛନ୍ତି । ୧୪ ବର୍ଷ ବୟସର ଏକ ବାଳକ ଏହି ପାରାଟିକୁ ପାଇଥିଲା । ସନ୍ଦେହଜନକ ଲାଗୁଥିବାରୁ ସେ ପାରାଟିକୁ ପୋଲିସକୁ ହସ୍ତାନ୍ତର କରିଥିଲା । ଅଫିସରମାନେ ପାରାକୁ ଭେଟେରିନାରୀ ହସ୍ପିଟାଲ ନେଇ ଏକ୍ସ-ରେ କରାଇଥିଲେ । ତା'ସହ ଆହୁରି ଅନେକ କିଛି ଯାଞ୍ଚ କରିଥିଲେ । କିନ୍ତୁ ପାରାଟି ଗୁପ୍ତଚର ବୋଲି କିଛି ପ୍ରମାଣ ମିଳି ନ ଥିଲା । ତଥାପି ତାକୁ ସନ୍ଦେହ ଘେରରେ ନେଇ କଷ୍ଟଡିରେ ରଖିଥିଲେ । ଅନ୍ୟପକ୍ଷେ ଏହି ଘଟଣାକୁ ନେଇ ପାକିସ୍ତାନୀ ସୋସିଆଲ ମିଡିଆରେ ବହୁତ ମଜା ଉଠାଯାଇଥିଲା ।

**ଗାଳି ଦେଉଥିବା ଶୁଆ–** ଏଇ ଘଟଣାଟି ମଧ୍ୟ ୨୦୧୫ରା । ମହାରାଷ୍ଟ୍ରରେ ହରିୟଲ ନାମକ ଏକ ଶୁଆକୁ ଆସିଥିଲା ଥାନାରେ ହାଜର ହେବାର ନିର୍ଦ୍ଦେଶ । କାରଣ ୮୫ ବର୍ଷୀୟା ମହିଳା ଜନାବାଈ ଏହି ଶୁଆ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ଶୁଆଟି ଥିଲା ମହିଳାଙ୍କ ସାବତ ପୁଅ ସୁରେଶ ସଖରକର୍ଙ୍କର । ସୁରେଶ ଓ ତାଙ୍କ ସାବତ ମା'ଙ୍କ ଭିତରେ ଜମିଜମାକୁ ନେଇ ବହୁପୂର୍ବରୁ କଳହ ଲାଗି ରହିଥିଲା । ତେଣୁ ସୁରେଶ ନିଜ ଶୁଆକୁ ଏମିତି ତାଲିମ ଦେଇଥିଲେ ଯେ, ତାଙ୍କ ସାବତ ମା' ଯେବେ ଯେବେ ତାଙ୍କ ଘର ଦେଇ ଯାଉଥିଲେ ଶୁଆଟି ତାଙ୍କୁ ବହୁତ ଖରାପ ଭାଷାରେ ଗାଳି ଗୁଲଜ କରୁଥିଲା । ଦିନେ କି ଦୁଇଦିନ ନୁହେଁ ଦୁଇବର୍ଷ ଶୁଆଟି ଏହି ଭଳି ଗାଳି ଦେଇଆସୁଥିଲା । ଶେଷରେ ଏହାକୁ ସହି ନ ପାରି ଜନାବାଈ ଥାନାର ଦ୍ୱାରସ୍ଥ ହୋଇଥିଲେ । ଆଉ ଶୁଆ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଅନୁରୋଧ କରିଥିଲେ । ହେଲେ ପୋଲିସ ଯେବେ ଶୁଆକୁ ନିଜ କଷ୍ଟଡିକୁ ନେଲା ତା' ପରଠାରୁ ଶୁଆଟି କଥା କହିବା ପୂରା ବନ୍ଦ କରିଦେଲା । ବୋଧହୁଏ ଶୁଆ ଜାଣିଥିଲା କେଉଁଠି ନିଜର ଚଞ୍ଚୁ ଖୋଲିବା କଥା ଓ କେଉଁଠି ନୁହେଁ । ଶେଷରେ ପୋଲିସ ହରିୟଲକୁ ବନ୍ଦି କରି ରଖିବାକୁ ଉଚିତ ମଣି ନ ଥିଲା । ଆଉ ତାକୁ ବନ ବିଭାଗକୁ ହସ୍ତାନ୍ତର କରିଦେଇଥିଲା ।


**କୁକୁରକୁ ଆଜୀବନ କାରାଦଣ୍ଡ–** ୧୯୨୪, ପେନସିଲଭାନିଆରେ ଗଭର୍ନର ଗିଫର୍ଡ ପିନଚଟ୍ ଏକ କଳାରଙ୍ଗର ଲାବ୍ରାଡର କୁକୁରକୁ ଦେଇଥିଲେ ଆଜୀବନ କାରାଦଣ୍ଡ । ସେପୁଣି ବିନା ପାରୋଲ୍‌ରେ । ପେପ୍ ନାମକ ଏହି କୁକୁର ମୁଣ୍ଡ ଉପରେ ଥିଲା ଗଭର୍ନରଙ୍କ ସ୍ତ୍ରୀଙ୍କ ବିଲେଇର ହତ୍ୟା ଅଭିଯୋଗ । ଗଣମାଧ୍ୟମରେ ତାକୁ 'ପେପ୍ ଦ କ୍ୟାଟ୍ ମର୍ଡରିଂ ଡଗ୍' ଆଖ୍ୟା ଦିଆଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା ଯେ, ପେପ୍ କୌଣସି ବିଲେଇକୁ ହତ୍ୟା କରି ନ ଥିଲା । ତଥାପି ସେ ଆଜୀବନ ଜେଲ୍‌ରେ ରହିଥିଲା । ହେଲେ ବେଶ୍ ଭଲରେ ବିତୁଥିଲା ତା' ସମୟ । ଯେତେବେଳେ ତାର ମୃତ୍ୟୁ ହେଲା ସେହି ଜେଲ୍‌ରେ ହିଁ ତାକୁ କବର ଦିଆଯାଇଥିଲା ।

**ମାଙ୍କଡ ଗଲା ଜେଲ–** ପଞ୍ଜାବର ପଟିଆଲାରେ ଏକ ମାଙ୍କଡ ବହୁତ ଉତ୍ପାତ ହେଉଥିଲା । କେତେବେଳେ କାହାଘରୁ ଖାଦ୍ୟ ଚୋରାଉଥିଲା ତ କେବେ କାହା ଶାର୍ଟର ବଟନ୍ ଛିଣ୍ଡେଇ ଦେଉଥିଲା । ପୁଣି କେବେ ଆକ୍ରମଣ କରି ରାମ୍ପି ଦେଉଥିଲା । ଛୋଟ ପିଲାଙ୍କୁ ପଥର ଧରି ଗୋଡାଉଥିଲା । ଶେଷରେ ମାଙ୍କଡ ବିରୋଧରେ ଅଭିଯୋଗ କରାଯାଇଥିଲା । ଆଉ ବନ ବିଭାଗ ଅଧିକାରୀ ମାଙ୍କଡକୁ ଧରି ମଙ୍କି ଜେଲ୍‌କୁ ପଠେଇ ଦେଇଥିଲେ, ଯାହାକି ସ୍ଥାନୀୟ ଚିଡିଆଖାନାର ଏକ କୋଣରେ ତିଆରି ହୋଇଥିଲା । ଜେଲରେ ଫଳକ ଲଗାଯାଇ ଲେଖାଯାଇଥିଲା ଯେ, ଏହି ମାଙ୍କଡଗୁଡିକୁ ପଞ୍ଜାବର ବିଭିନ୍ନ ସ୍ଥାନରୁ ଆଣି ରଖାଯାଇଛି । ଏମାନେ ବହୁତ ବଦ୍‌ମାସ୍ । ଏମାନଙ୍କ ନିକଟକୁ ଯିବା ବିପଜ୍ଜନକ ।

**ଜେଲରୁ ଖସିବାରେ ସାହାଯ୍ୟ କରି ବିଲେଇ ଗିରଫ–** ମଧ୍ୟମଧରଣର ସୁରକ୍ଷା ଥିବା ବ୍ରାଜିଲ, ଅରାପିରାକା ଜେଲର ଏକ ଫାଟକ ପାଖରେ ବୁଲୁଥାଏ ଏକ ଧଳା ରଙ୍ଗର ବିଲେଇ । ହଠାତ ଜଣେ ସୁରକ୍ଷାକର୍ମୀଙ୍କ ନଜର ବିଲେଇ ଉପରେ ପଡ଼ିଲା । ଦେଖିଲେ ବିଲେଇ ଦେହରେ ଟେପ୍ ଗୁଡେଇ ହୋଇଥିଲା । ଭାବିଲେ ବୋଧହୁଏ କୌଣସି ଦୁଷ୍ଟପିଲା ଏଭଳି କରିଛି । କିନ୍ତୁ ବିଲେଇଟି ସେହି ସ୍ଥାନ ଛାଡି ଯାଉ ନ ଥିଲା । ତେଣୁ ସନ୍ଦେହ କରି ସୁରକ୍ଷା କର୍ମଚାରୀ ତାକୁ ତନଖି ଦେଖିଲେ । ଆଉ ଯାହା ପାଇଲେ ସେଥିରେ ଚକିତ ହୋଇଗଲେ । କାରଣ ବିଲେଇ ଦେହରେ ଗୁଡାଯାଇଥିବା ଟେପ୍ ଖୋଲି ଯେତେବେଳେ ଦେଖିଲେ ତା' ଭିତରେ ଛୋଟ କରତ, ଛୋଟ ଡ୍ରିଲ, ଇୟରଫୋନ୍, ମେମୋରୀ କାର୍ଡ, ବ୍ୟାଟେରି ଓ ଫୋନ୍ ଚାର୍ଜର ଥିଲା । ଜେଲ ଅଧିକାରୀଙ୍କ ଅନୁସାରେ, ବିଲେଇଟି ଆଗରୁ ବି ଜେଲ୍ ଭିତରକୁ ଯାଉଥିଲା । କଏଦୀମାନେ ତାକୁ ଆଦର କରନ୍ତି । ଛୋଟବେଳୁ ସେ ଜେଲକୁ ଆସୁଛି । ହେଲେ ସେ କେଉଁ କଏଦୀକୁ ଜେଲରୁ ଫେରାର୍ ହେବା ପାଇଁ ସାହାଯ୍ୟ କରୁଥିଲା ଜାଣି ହେଉନି । ତେଣୁ ତାକୁ କିଛି ଦିନ ପାଇଁ ସ୍ୱତନ୍ତ୍ର ଜେଲରେ ରଖି ପରେ ସ୍ଥାନୀୟ ଆନିମଲ ସେଣ୍ଟରକୁ ପଠେଇ ଦେଇଥିଲୁ ।

**କୁନି ଗୁଣ୍ଡୁଚି ସାଜିଲା ଅପରାଧୀ–** ପଶ୍ଚିମ ଜର୍ମାନୀର ବୋର୍ଡୋପ ସହରର ଏକ ଗଳିରେ ଯାଉଥିଲେ ଜଣେ ମହିଳା । ହଠାତ ସେ ଦେଖିଲେ ଏକ କୁନି ଈଷତ୍ ଲାଲରଙ୍ଗର ଗୁଣ୍ଡୁଚି ବେଶ୍ ରାଗିବା ଢଙ୍ଗରେ ତାଙ୍କୁ ପିଛା କରୁଛି । ଛୋଟିଆ ପ୍ରାଣୀ ହେଲେ ବି ତା'ର ଢଙ୍ଗ ଥିଲା ବେଶ୍ ଭୟଙ୍କର । ସେ ପାଖକୁ ଆସି ମହିଳାଙ୍କୁ କାମୁଡିବାକୁ ଚେଷ୍ଟା କଲା । ମହିଳାଜଣକ ଚାହିଁ ବି ତାଠୁ ପିଛା ଛଡ଼େଇ ପାରିଲେ ନାହିଁ । ଶେଷରେ ସେ ପୋଲିସଙ୍କ ସାହାଯ୍ୟ ଲୋଡ଼ିଲେ । ପୋଲିସ୍ ଆସି ଗୁଣ୍ଡୁଚିକୁ କାବୁ କଲା । ଆଉ ଅପରାଧୀ ଗୁଣ୍ଡୁଚିକୁ ପୋଲିସଷ୍ଟେଶନ୍ ନେଇ ଆସିଲେ । ଅନୁଧ୍ୟାନ କରିବାରୁ ଜାଣିବାକୁ ପାଇଲେ ଯେ, ଗୁଣ୍ଡୁଚି ଅବସାଦର ଶିକାର ହୋଇଛି । ତେଣୁ ତାକୁ ମହୁ ଖୁଆଇ ସୁସ୍ଥ କରିବାକୁ ଚେଷ୍ଟା କଲେ । ଏହାପରେ ତାକୁ ଆକ୍ରମଣକାରୀ ଭାବେ ବନ୍ଦି କରି ନ ରଖି ବରଂ ରେସ୍କ୍ୟୁ ସେଣ୍ଟର ପଠାଇଦେଲେ ।

**ଜେଲରେ ଗଧ–** ୨୦୦୮ରେ ଦକ୍ଷିଣ ମେକ୍ସିକୋର ଚିଆପସ୍‌ର ପୋଲିସ ବ୍ଲାକି ନାମକ ଏକ ଗଧକୁ ଆରେଷ୍ଟ କରିଥିଲା । ତା'ର ଅପରାଧ ଏହା ଥିଲା ଯେ, ସେ ଜଣେ ବ୍ୟକ୍ତିଙ୍କ ଛାତିକୁ ମୁଣ୍ଡରେ ମାରିବା ସହ ଆଉ ଜଣେ ବ୍ୟକ୍ତିଙ୍କୁ ଗୋଇଠା ମାରିଥିଲା । ଏହାପରେ ପୋଲିସ ଗଧକୁ ଗିରଫ କରି ଜେଲ୍‌ରେ ରଖିଥିଲା । ପୋଲିସଙ୍କ କହିବାନୁସାରେ ଯେ ପର୍ଯ୍ୟନ୍ତ ତା'ର ମାଲିକ ଆହତ ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ଖର୍ଚ୍ଚ ଓ କାମକୁ ଯାଇପାରି ନ ଥିବାରୁ ତାଙ୍କ ପାଉଣା ଦେଇ ନ ଥିଲେ ସେତେଦିନ ପର୍ଯ୍ୟନ୍ତ ବ୍ଲାକି ରହିଥିଲା ଜେଲରେ ।



ବ୍ୟାକ୍ ପେଜ୍





# କର୍କ ଡ୍ରେସ୍

ବିଭିନ୍ନ ଡିଜାଇନ୍‌ର ଡ୍ରେସ୍ ପିନ୍ଧିବାକୁ କାହାକୁ ବା ଭଲ ନ ଲାଗେ। ତେବେ କିଛି ଅଜବ ଡିଜାଇନ୍‌ର ବି ଡ୍ରେସ୍ ଥାଏ ; ଯାହାକୁ ଅନେକେ ପିନ୍ଧିବାକୁ ଇଚ୍ଛା କରିବେ ନାହିଁ। କିନ୍ତୁ ମଡେଲମାନେ ଯେତେବେଳେ ଏହି ଅଜବ ପୋଷାକ ପିନ୍ଧି ରାମ୍ପରେ ଚାଲନ୍ତି ଦେଖିବାକୁ ବେଶ୍ ଭଲ ଲାଗେ। ସେମିତି ଏକ ପୋଷାକ ତିଆରି କରିଛନ୍ତି ମାର୍ଶା ବେର୍ଲୋଚର ନାମକ ଜଣେ ଡିଜାଇନର୍। ସେ ନିଜର କ୍ଲାସ ପ୍ରୋଜେକ୍ଟରେ ଏହାକୁ ତିଆରି କରିଥିଲେ। ଏହି ଅଜବ ପୋଷାକକୁ ସେ ୱାଇନ୍ କର୍କ ତଥା ୱାଇନ୍ ବୋତଲ ଉପରେ ଲାଗିଥିବା କର୍କ ବା ଠିପିରେ ତିଆରି କରିଛନ୍ତି। ଏହା ବାଦ୍ ସୂତା, ତାର ଓ ସୂକ୍ଷ୍ମ ପାରଦର୍ଶୀ କପଡ଼ା ବି ବ୍ୟବହାର କରିଛନ୍ତି। ପ୍ରଥମେ ସେ ପତଳା କପଡ଼ାକୁ କାଟି, ସିଲେଇ କରି ପୋଷାକର ମୂଳଦୁଆ ତିଆରି କରିଥିଲେ। ପରେ କର୍କକୁ ଛୋଟ ଛୋଟ ସିଲିଣ୍ଡର ପରି କାଟି ମଝିରେ କଣା କରି ସୂତା ପୂରାଇ ମାଳ ଭଳି କରି ପୋଷାକରେ ଭୂଲମ୍ବ ପରି ରଖି ଅଠା ଲଗାଇଥିଲେ। ଆଉ କିଛି କର୍କ ମାଳକୁ ତାରରେ ଶକ୍ତ କରି କପଡ଼ା ସହ ବାନ୍ଧି ଥିଲେ। ଭିନ୍ନ ରଙ୍ଗ ପାଇବା ପାଇଁ ସେ କିଛି କର୍କକୁ ୱାଇନ୍‌ରେ ବୁଡ଼ାଇ ତାକୁ ଶୁଖାଇ ମଧ୍ୟ ବ୍ୟବହାର କରିଥିଲେ। ତିଆରି ହୋଇଗଲାପରେ କର୍କର ଏହି ପୋଷାକ ଲାଗୁଥିଲା ବେଶ୍ ସୁନ୍ଦର ଓ ଷ୍ଟାଇଲିଶ୍।



# କାର୍ ଫାଉଣ୍ଟେନ୍

ପାର୍କ ହେଉ ଅବା ସହରର ମୁଖ୍ୟସ୍ଥାନ ସୁନ୍ଦର ଆକର୍ଷକ ଫାଉଣ୍ଟେନ୍‌ଟିଏ ନିଶ୍ଚୟ ଥାଏ ; ଯାହା କି ସେ ସ୍ଥାନର ଶୋଭା ବଢ଼ାଇଥାଏ। ଇଟାଲି ତ ତା'ର ଅତି ସୁନ୍ଦର ଫାଉଣ୍ଟେନ୍ ପାଇଁ ବେଶ୍ ପରିଚିତ। ତେବେ ଏଠାରେ କିଛି ଦିନ ପୂର୍ବେ ତିଆରି ହୋଇଥିବା ଏକ ଭିନ୍ନ ଧରଣର ଫାଉଣ୍ଟେନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସ୍ପେନୀୟ ଆର୍ଟିଷ୍ଟ ଜୁଆନ୍ ଗାଲଡିନୋ ଏହାକୁ ତିଆରି କରିଥିଲେ। ଫାଉଣ୍ଟେନ୍‌ଟିର ବିଶେଷତ୍ୱ ଏହା ଥିଲା କି ତା' ଉପରଭାଗରେ ଅର୍ଥାତ୍ ଉପରକୁ ଉଠୁଥିବା ଜଳର ସର୍ବୋଚ୍ଚ ଅଂଶରେ ଏକ ସୁନ୍ଦର ଲାଲରଙ୍ଗର କାର୍ ଦେଖିବାକୁ ମିଳୁଥିଲା। ଲାଗୁଥିଲା ସତେ ଯେମିତି ଉପରକୁ ଉଠୁଥିବା ପାଣିର ଶକ୍ତି ପାଇଁ କାର୍‌ଟି ଫାଉଣ୍ଟେନ୍ ଜଳ ଉପରେ ରହିଛି, ଆଉ ଧାରା ବନ୍ଦ ହୋଇଗଲେ କାର୍‌ଟି ପଡ଼ିଯିବ। କିନ୍ତୁ ସେମିତି କିଛି ନୁହେଁ। ପାଣି ଭିତରେ ଥିବା ଏକ ଷ୍ଟ୍ରକ୍ଚର କାର୍‌କୁ ସପୋର୍ଟ ଦେଉଥିଲା ; ଯଦ୍ଦ୍ୱାରା କାର୍ ସନ୍ତୁଳନ ରକ୍ଷା କରି ରହିଥିଲା। କିନ୍ତୁ ତାହା ବାହାରକୁ ଆଦୌ ଜଣାପଡୁ ନ ଥିଲା। ଫାଉଣ୍ଟେନ୍‌ଟିକୁ ସେ ବିଶ୍ୱ ତାପନ ସମସ୍ୟା ଉପରେ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତିଆରି କରିଥିଲେ। ଏହା ଅଳ୍ପ କିଛିଦିନ ପାଇଁ ଜନସାଧାରଣଙ୍କ ନିମନ୍ତେ ପ୍ରଦର୍ଶିତ କରାଯାଇଥିଲା।

# ଅନ୍ୟଙ୍କୁ ବଞ୍ଚାଇ ନିଜେ ଚାଲିଗଲେ

୩୩ ବର୍ଷୀୟା ସ୍ୱାତୀ ଗର୍ଗ ଗୁରୁଗ୍ରାମର ଏକ ଆପାର୍ଟମେଣ୍ଟରେ ସ୍ୱାମୀ, ଝିଅ ଓ ମା'ଙ୍କ ସହ ରହୁଥିଲେ। ତାଙ୍କ ସହ ତାଙ୍କର ଜଣେ ସାଙ୍ଗ ବି କିଛିଦିନ ହେବ ରହୁଥିଲେ। ଥରେ ଶର୍ଟ ସର୍କିଟ୍ ଯୋଗୁ ରାତିରେ ତାଙ୍କ ଆପାର୍ଟମେଣ୍ଟର ଗ୍ରାଉଣ୍ଡଫ୍ଲୋର୍‌ରେ ନିଆଁ ଲାଗିଯାଇଥିଲା। ରାତି ପ୍ରାୟ ୨ଟା ବେଳକୁ ନିଆଁ ୯ ମହଲା ପର୍ଯ୍ୟନ୍ତ ବ୍ୟାପି ଯାଇଥାଏ। ଚାରିଆଡ଼େ ବହଳ ବହଳ ଧୂଆଁ। ସ୍ୱାତୀ ନିଆଁ ଲାଗିଥିବା କଥା ଜାଣିପାରି ସଙ୍ଗେ ସଙ୍ଗେ ପରିବାର ଲୋକଙ୍କୁ ଉଠାଇ ସୁରକ୍ଷିତ ସ୍ଥାନକୁ ଯିବା ପାଇଁ କହିଥିଲେ। ସ୍ୱାମୀ କୁନି ଝିଅକୁ ଧରି ଦୌଡ଼ିଲେ ଉପର ମହଲା ଆଡ଼କୁ। ପଛରେ ସ୍ୱାତୀ ଓ ତାଙ୍କ ମା' ଥାଆନ୍ତି। ତାଙ୍କ ସ୍ୱାମୀ ଏକ ଖାଲି ଓ ଧୂଆଁ ନ ଥିବା କୋଠରି ଦେଖି ଆଶ୍ରୟ ନେଲେ। ଭାବିଲେ ପଛରେ ଆସୁଥିବା ସ୍ୱାତୀ ଓ ତାଙ୍କ ମା' ବି କେଉଁଠି ଆଶ୍ରୟ ନେଇଥିବେ। ହେଲେ ସ୍ୱାତୀ ତାଙ୍କ ମା'ଙ୍କୁ ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇ ସେଇ ବହଳ ଧୂଆଁରେ ଦୌଡ଼ି ଦୌଡ଼ି ଯାଇ ସମସ୍ତ ପଡ଼ୋଶୀଙ୍କ ଘରର କବାଟ ବାଡ଼େଇ ଉଠାଇବା ସହ ସୁରକ୍ଷିତ ସ୍ଥାନକୁ ଯିବାକୁ କହିଥିଲେ। ସମସ୍ତେ ଉପର ମହଲାକୁ



ଦୌଡ଼ିଲେ ଆଶ୍ରୟ ପାଇଁ କାରଣ ତଳକୁ ଯିବା ଅସମ୍ଭବ ଥିଲା। ନିଆଁର ପ୍ରକୋପ ବଢ଼ି ବଢ଼ି ଚାଲିଥାଏ। ଧୂଆଁରେ କରିଡର ବି ଦେଖାଯାଉ ନ ଥାଏ। ଏମିତି ଡାକିବା ଭିତରେ ସ୍ୱାତୀ ଧୂଆଁରେ ଅଣନିଃଶ୍ୱାସୀ ହୋଇଯାଇଥିଲେ। ଜୀବନ ବିକଳରେ ଦୌଡ଼ିଥିଲେ ଦଶ ମହଲାକୁ। ଆଉ ଟିକେ ତାଜା ପବନ ପାଇବା ପାଇଁ ଛାତର କବାଟ ଖୋଲିବାକୁ ଚେଷ୍ଟା କଲେ। ହେଲେ ତାହା ଖୋଲିଲା ନାହିଁ। ଶେଷରେ ସେ ସେଇ କବାଟ ପାଖରେ ଚେତାଶୂନ୍ୟ ହୋଇପଡ଼ିଗଲେ। ଦମକଳବାହିନୀ ଆସି ସମସ୍ତଙ୍କୁ ଉଦ୍ଧାର କରିବାବେଳେ ସ୍ୱାତୀଙ୍କୁ ବି ଉଦ୍ଧାର କଲେ। ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ପଠାଗଲା। ହେଲେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ସେ ଆଖିବୁଜି ଦେଇଥିଲେ। ଆପାର୍ଟମେଣ୍ଟର ସବୁ ପଡ଼ୋଶୀ ତାଙ୍କ ସାହସିକତା, ପରୋପକାରକୁ ମନେପକାଇ ବହୁତ ଦୁଃଖିତ ହେଲେ। ସମସ୍ତଙ୍କ ନଜରରେ ସେ ପାଲଟି ଯାଇଥିଲେ ଦେବୀ।